● ନିର୍ବାଚନ ପ୍ରସ୍ତୁତି

## ୨ ସୀମାବର୍ତ୍ତୀ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଆଲୋଚନା କଲେ ଡିଆଇଜି

**କୋରାପୁଟ,୧୨।୨(ସମିସ):** ଓଡ଼ିଶା ଓ ଛତିଶଗଡ଼ ପୁଲିସ ମଧ୍ୟରେ ଆଇନଶୃଙ୍ଖଳା କଡ଼ାକଡ଼ି କରିବା ନେଇ ଆଭାସୀ ମାଧ୍ୟମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଆଲୋଚନା କରିଛନ୍ତି। ଏହି ଆଲୋଚନାରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏସପିଙ୍କ ସମେତ ଛତିଶଗଡ଼ ରାଜ୍ୟର ବସ୍ତର ଆଇଜି, ବସ୍ତର, ସୁକୁମା ଓ କୋଣ୍ଡାଗାଁଓ ଏସପି ମଧ୍ୟ ଉପସ୍ଥିତ ଥିଲେ। ଦୁଇ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ରାଜ୍ୟର ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ମାଓ ଗତିବିଧି ଉପରେ କଡ଼ା ନଜର ରଖିବା, ମାଓ ଦମନ ଅପରେସନକୁ ଜୋରଦାର କରିବା ଏବଂ ଗୁଇନ୍ଦା ସୂଚନାକୁ ଆଦାନ ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ସୀମାବର୍ତ୍ତି ଅଞ୍ଚଳରେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗଞ୍ଜେଇ ଓ ମଦ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହମତି ପ୍ରକାଶ ପାଇଛି। ସୀମାନ୍ତ ଅଞ୍ଚଳରେ ନାକା ଲଗାଇବା ସହ ପ୍ରବେଶ ପଥଗୁଡ଼ିକରେ କଡ଼ା ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ମୀନା ସୂଚନା ଦେଇଛନ୍ତି।

## ୬ ମୋଟର ସାଇକଲ ଜବତ; ଜଣେ ଗିରଫ



**ନବରଙ୍ଗପୁର,୧୨।୨(ସମିସ):** ନବରଙ୍ଗପୁର ପୁଲିସ ମୋଟର ସାଇକଲ ଚୋରି ଘଟଣାରେ ବେଲଗାଁର ଖଗପତି ସୌରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖଗପତିଙ୍କଠାରୁ ୬ଟି ମୋଟର ସାଇକଲ ଜବତ କରାଯାଇଛି। ଜବତ ମୋଟର ସାଇକଲ ନମ୍ବରଗୁଡ଼ିକ ହେଲା ଓଡି ୨୪ ସି ୩୩୯୨, ଓଡି ୨୪ସି ୭୩୭୨, ସିଜି ୧୭କେଇ ୩୫୬୬, ଓଆର ୧୭କେ ୨୪୫୮ ଓ ଦୁଇଟି ମାତ୍ର ସାଇକଲର ନମ୍ବର ବିହୀନ ଥିବାରୁ ଇଞ୍ଜିନ ଓ ଚେଚିସ ନମ୍ବରକୁ ଆଧାର କରି ପୁଲିସ ଅଧିକ ତଦନ୍ତ ଚଲାଇଛି। ଖଗପତି ସୌରାଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ଥିବା ନେଇ ନବରଙ୍ଗପୁର ପୁଲିସ ସୂଚନା ଦେଇଛି। ଏନେଇ ଖଗପତିଙ୍କ ନାଁରେ ନବରଙ୍ଗପୁର ଥାନାରେ କେସ ନମ୍ବର ୧୨୨/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ଆଧାର କରି ପୁଲିସ ଏସଆଇ ସବୀର ଅହମ୍ମଦ ତଦନ୍ତ କରୁଥିଲେ।

## ବିଦ୍ୟୁତ୍ ଆଘାତରେ ମୃତ କର୍ମଚାରୀଙ୍କ ଶେଷକୃତ୍ୟ

**ଟିକିରି,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଥୁଟିବର ଗ୍ରାମ ନିକଟରେ ରବିବାର ଏକ ଅଭାବାନୀୟ ଘଟଣା ଘଟିଥିଲା। ବିଦ୍ୟୁତ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବିଭାଗର ଜଣେ ଠିକା କର୍ମଚାରୀ କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତ ସର୍ଗିଗୁଡ଼ା ଗ୍ରାମର ଜ୍ୟୋତିରାମ ମାଝୀ(୨୭) ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଜ୍ୟୋତିରାମ ବିଦ୍ୟୁତ କାମ କଲାବେଳେ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କାଶୀପୁର ସତହସିଲଦାର ସୁନିଲ ପ୍ରଧାନ, ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ଓ ଏସଡିପିଓ ରଶ୍ମିରଞ୍ଜନ ସେନାପତି ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ବିଦ୍ୟୁତ ବିଭାଗୀୟ ଏସଡିପିଓ ଙ୍କ ଜରିଆରେ ୨୫ ହଜାର ଓ ପରେ ୧୫ ହଜାର ଟଙ୍କା ପ୍ରଦାନ କରିବା ସହ ପରିବାରର ଜଣଙ୍କୁ ଥଇଥାନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ସେପଟ ତସିଲଦାର ସୁନିଲ ପ୍ରଧାନ ରେଡକ୍ରସରୁ ୨୦ ହଜାର ଟଙ୍କା ତାଙ୍କ ସ୍ତ୍ରୀଙ୍କୁ ଦେଇଛନ୍ତି। ଜ୍ୟୋତିରାମଙ୍କ ମୃତ୍ୟୁ ପରେ ବୃଦ୍ଧ ବାପା, ମାଆ, ପତ୍ନୀ ଓ ୩ ସନ୍ତାନ ଅସହାୟ ହୋଇ ପଡ଼ିଛନ୍ତି। ସୋମବାର ଟିକିରି ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଗ୍ରାମରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଦୁଇ ଗ୍ରାମର ଯୁବକଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ

**ପଟ୍ଟାଙ୍ଗି,୧୨।୨(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତର ତୁରିଆ ଗ୍ରାମ ସହ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଡୋଲିଆମ୍ବା ଗ୍ରାମ ମଧ୍ୟରେ ଯୁବ ଗୋଷ୍ଠୀ ଭିତରେ କନ୍ଦଳ ଲାଗି ରହିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର କୋଟିଆ ପଞ୍ଚାୟତର ତୁରିଆ ଗ୍ରାମର ଏକ ଝିଅର ବିବାହ ନିମନ୍ତେ ବରଯାତ୍ରୀଙ୍କୁ ନେଇ ଗ୍ରାମବାସୀ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରୁଗୁଡ଼ା ଗ୍ରାମକୁ ଯାଇଥିଲେ। ବାହାଘର ସମୟରେ ଡୋଲିଆମ୍ବା ଗ୍ରାମବାସୀଙ୍କ ସହ କୌଣସି କାରଣବସତଃ ବଚସା ହୋଇଥିଲା। ଏହାପରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ହୋଇଥିଲା। ଉକ୍ତ ବିବାଦର ସମାଧାନ ନିମନ୍ତେ ମଧ୍ୟ ଭଦ୍ରମଣ୍ଡଳୀ ବସି ଆଲୋଚନା କରିଥିଲେ। କିନ୍ତୁ ସମାଧାନ ହୋଇପାରି ନ ଥିଲା। ଏହାପରେ ବିବାହ ସାରି ଫେରିବା ସମୟରେ ପୁଣି କୁତୁଗାଁ ଗ୍ରାମ ନିକଟରେ ଗୋଷ୍ଠୀ କନ୍ଦଳ ହୋଇଥିଲା। ଉକ୍ତ କନ୍ଦଳ ଫଳରେ କାହାର କୌଣସି ଅଘଟଣ ଘଟିଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର ସମାଧାନ କରାଯାଇ ନ ଥିବା ନେଇ ସୂଚନା ମିଳିଛି। ଉକ୍ତ ବିବାଦଟି ଗୋଟିଏ ସମ୍ପ୍ରଦାୟର ଦୁଇଟି ଗ୍ରାମର ଯୁବକଙ୍କ ମଧ୍ୟରେ ହୋଇଥିବାବେଳେ ଏନେଇ ଥାନାରେ କୌଣସି ମଧ୍ୟ ଅଭିଯୋଗ ଦିଆଯାଇ ନ ଥିବା ନେଇ ସୂଚନା ମିଳିଛି।




# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର



**କୋରାପୁଟ,୧୨।୨(ସମିସ)** ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ଅଧୀନରେ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କୋରାପୁଟ ପୌର ପରିଷଦସ୍ତରୀୟ ସଚେତନତା ଶିବିର ପୂଜାରୀପୁଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନମ୍ବର ୧, ୨, ୩, ୪ ଓ ୧୭ର ବସ୍ତିବାସିନ୍ଦା ସଂଘ ଏବଂ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ଶିବିରରେ ଯୋଗଦେଇଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଚେୟାରମ୍ୟାନ ଲଲାଟ ରଞ୍ଜନ ସେଠୀ, ପୌର ନିର୍ବାହୀ ଅଧିକାରୀ ଦ୍ୱିତୀକ୍ରିଷ୍ଣ ପାତ୍ର, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜିକା ଲତା ରାୟ, ଉପାଧ୍ୟକ୍ଷା ସବିତା ପଣ୍ଡା, ୱାର୍ଡ ନମ୍ବର ୩ର କାଉନସିଲର କାଦମ୍ବିନୀ ସେଠୀ, ୱାର୍ଡ ନମ୍ବର ୧ କାଉନସିଲର ମଧୁସୂଦନ ମାଝୀ, ୱାର୍ଡ ନମ୍ବର ୧୭ କାଉନସିଲର ମୁନି ମୁଦୁଲି ସହ କାଉନସିଲର ପଦ୍ମା ମୁଦୁଲି, ମାଲେଶ୍ୱର ରାଓ, ପ୍ରଫୁଲ୍ଲ ମହାପାତ୍ର, ରବି ପରଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଲୋକମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଏବଂ ସେଥିରୁ ସେମାନଙ୍କୁ ମିଳୁଥିବା ସେବା ବିଷୟରେ ଅବଗତ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଶିଶୁ ବିକାଶ, ମିଶନ ଶକ୍ତି ପ୍ରଭୃତି ବିଭାଗ ଷ୍ଟଲ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ମିଶନ ଶକ୍ତି ମହିଳା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନନ୍ଦପୁର :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ବାଡେଲ ଓ ରାଇସିଂ ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନସ୍ଥ ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ବିଭିନ୍ନ ଯୋଜନା ତଥା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନାକୁ ଲୋକଲୋଚନକୁ ଆଣିବା ସହ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତସ୍ତରରେ ହୋଇଥିବା ଉନ୍ନୟନ କାର୍ଯ୍ୟର ସଚେତନ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ସବୁ ବ୍ୟବସ୍ଥା କରାଯାଇଥିବା ନେଇ ସଚେତନ କରାଯାଇଥିଲା। ଏଥିସହ ବର୍ତ୍ତମାନ ମିଶନ ଶକ୍ତି ମାଧ୍ୟମରେ ଓଡ଼ିଶାର ମା'ମାନେ ଦେଶରେ ଏକ ସ୍ୱତନ୍ତ୍ର ମାନ୍ୟତା ପାଇଛନ୍ତି ଭକ୍ତଙ୍କୁ ସୁଯୋଗ ଦେଲେ ବୋଲି କହିବା ସହ ରାଜ୍ୟର ବରିଷ୍ଠ ନାଗରିକ ମାଆ-ବାପାମାନଙ୍କ ପେନସନ୍ ଟଙ୍କା ବୃଦ୍ଧି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଉପହାର ବୋଲି କହିଛନ୍ତି ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବାଡେଲ ସରପଞ୍ଚ ତୁଲା ହଂସା, ରାଇଶିଂ ସରପଞ୍ଚ ଜଗନ୍ନାଥ ଚେଟି, ବାଡେଲ ସମିତିସଭ୍ୟା ରାଧିକା ଖେମୁଣ୍ଡୁ, ବିଜେଡି ବ୍ଲକ୍ ସଭାପତି



ବୋଲି କହିବା ସହ ଏହା ଏକମାତ୍ର ନବୀନ ପଟ୍ଟନାୟକଙ୍କ ନବୀନ ଯୋଜନା ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ମାତ୍ର ୫ ଟଙ୍କାରେ ମା'ମାନେ ବ୍ଲକ୍ ଅଫିସ ଯାଇପାରୁଥିବା ବେଳେ ପୁରୀ ପରିକ୍ରମା ପ୍ରକଳ୍ପ ଯାତ୍ରା ମଧ୍ୟ ପ୍ରତି ପଞ୍ଚାୟତ କାଶୀନାଥ ଗୋଲରି, ମହିଳା ସଭାନେତ୍ରୀ କୁନି ପାଲି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଯୁବନେତା ସେକ୍ ନୁର୍, ଦୁଇ ଗ୍ରାମ ପଞ୍ଚାୟତର ସମସ୍ତ ସିଆରପି, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣ ଯୋଗଦେଇଥିଲେ।

■ ବଂଶଧାରା ବସନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା

## ମନମୋହିଲା ସ୍ୱୟଂଙ୍କ ଗୀତ ଓ ପାଇକଆଖଡ଼ା



**ଗୁଣୁପୁର,୧୨।୨(ସମିସ):** ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସୋମବାର ପଡ଼ିଆରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଷ୍ଟଲ୍ ବ୍ୟବସାୟଠାରୁ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ସବୁଠି ଭିଡ଼। ଉତ୍ସବର ଏହି ମଞ୍ଚରେ କବିତା ଆସରରେ ଭାଗ ନେଇ କବିତା ଆବୃତ୍ତି କରିଥିବା କବି ଓ କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ତୁ ନୂଆ ସାଏରୀ ନା ନୂଆ କବିତାରୁ ଆରମ୍ଭ କରି ପଲ୍ ପଲ୍ ଚାହେଁ ଓ ମୋଠୁ ମୋତେ ଚୋରି କରିଛୁ ଯାଏଁ ଅନେକ ମନଛୁଆଁ ସଙ୍ଗୀତ ଗାଇ ଦର୍ଶକଙ୍କୁ ଝୁମେଇଥିଲେ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ। ଗୋଟିଏ ପଟେ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ଢେଙ୍କାନାଳର ମା' ଜଗତ ଜନନୀ ପାଇକ ଆଖଡ଼ାର ଖଣ୍ଡା, ବାଡ଼ି, ନିଆଁ ଖେଳରେ ଦର୍ଶକ ତାଜୁବ୍ ହୋଇ ଚାହିଁଥିଲେ। ଏହାସହ ସ୍ଥାନୀୟ କଳାକାରମାନଙ୍କ ସମେତ ଗଜପତି ଜିଲ୍ଲାରୁ ଆସିଥିବା ସୁରଭୀ କିନର ନୃତ୍ୟ ଦଳଙ୍କ ନୃତ୍ୟ ବେସ୍ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପରିଚାଳନା କମିଟି ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଧ୍ୟାପିକା ଡ. ଇନ୍ଦିରା ଅଧିକାରୀ, ସାହିତ୍ୟିକ ସୀମାଞ୍ଚଳ କର ଓ ବିଜୟ ପାଢ଼ୀ, ମିଡିଆ କ୍ଲବ ଗୁଣୁପୁରର ଆବାହକ ତଥା କିଡଗୀର ଅଧ୍ୟକ୍ଷ ଜିତେନ୍ଦ୍ର ଶତପଥି, ପରିଚାଳନା କମିଟି ଉପସଭାପତି ଉମା ଦାସ, ଆଶୁତୋଷ ବରାଳ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାୟଗଡ଼ାର ବିଦିଶା ଶତପଥି ଉଦଘୋଷିକା ଭାବେ ଯୋଗଦେଇଥିଲେ।

● ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର

**କୋରାପୁଟ,୧୨।୨(ସମିସ):** କାର୍ଯ୍ୟରତ ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଡିଆଇଜିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାକୁ ଏସୟୁଜେ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ନିନ୍ଦା କରାଯାଇଛି। ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବିଦ୍ୟାଧର ଚୌଧୁରୀ, କାର୍ଯ୍ୟକାରୀ ସଭାପତି ବାବୁଲ ସିଂ, ସାଧାରଣ ସମ୍ପାଦକ ତରୁଣ କୁମାର ମହାପାତ୍ର, କିର୍ତ୍ତୀଚନ୍ଦ୍ର ସାହୁ, ଗୋପାଳ ପାଢ଼ୀ, ମଦନ ମୋହନ ସାହୁଙ୍କ ସମେତ ସଂଘର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାର ସୈନିକ ସ୍କୁଲ ପଛପଟେ ଥିବା ଡମ୍ପିଂୟାର୍ଡ ଛକରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଘରକୁ ଫେରୁଥିବା ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ୪ଜଣ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ସାମ୍ବାଦିକ ଶ୍ରୀ ମହାପାତ୍ରଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା।



# ପାଗଳ ଗାଈର ଦୌରାତ୍ମ୍ୟ; ଥାନା ଫାଟକ ଆଗରେ ହଙ୍ଗାମା

**ମାଲକାନଗିରି,୧୨।୨(ସମିସ):** ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ଗତ କିଛିଦିନ ତଳେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦେଖାଦେଇଥିବାବେଳେ ସୋମବାର ଏକ ପାଗଳ ଗାଈର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ସକାଳେ ଏକ ପାଗଳ ଗାଈ ମାଲକାନଗିରି ସହରର ବିଭିନ୍ନ ସ୍ଥାନରେ ବୁଲି ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ ମାରିଥିଲା। ତା' ଭୟରେ ଲୋକମାନେ ଧାଁ ଦୌଡ଼ କରି ପଳାଇବା ସହିତ ଦୋକାନୀମାନେ ଦୋକାନ କବାଟ ବନ୍ଦ କରିଦେଇଥିଲେ। ଗାଈଟି ସୋମବାର ସକାଳେ ସହରର ବିଭିନ୍ନ ସ୍ଥାନରେ ପାଗଳ ପରି ଧାଁ ଦୌଡ଼ କରିବା ପରେ ମାଲକାନଗିରି ଆଦର୍ଶ ଥାନା ନିକଟକୁ ପଳାଇ ଆସିଥିଲା। ସେ ଥାନାର ମୁଖ୍ୟ ଫାଟକ ସମ୍ମୁଖରେ ହାଙ୍ଗାମା କରି ତା'ର ଭୟଙ୍କର ରୂପ ଦେଖାଇଥିଲା। ଥାନା ପରିସର ଭିତରକୁ କିମ୍ବା ବାହାରକୁ କାହାରିକୁ ଛାଡ଼ି ନ ଥିଲା। ଏମିତିକି ପୁଲିସ କର୍ମଚାରୀଙ୍କୁ ମଧ୍ୟ ମାରିବାକୁ ଗୋଡ଼ାଇଥିଲା। ଭୟରେ ପୁଲିସ କର୍ମଚାରୀ ଓ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଗାଈଟି ପ୍ରାୟ ଏକ ଘଣ୍ଟା ଧରି ଥାନା ପରିସର ଓ ଗେଟ୍ ନିକଟରେ ଜଗିରହି ସମସ୍ତଙ୍କୁ ଗୋଡ଼ାଇଥିଲା।

ପୁଲିସ କର୍ମଚାରୀମାନେ ବହୁ କଷ୍ଟରେ ଥାନାରୁ ବାହାର କରି ମୁଖ୍ୟ ଫାଟକ ବନ୍ଦ କରିଦେଇଥିଲେ। ଉକ୍ତ ଗାଈଟିର ପାଟିରୁ ଫେଣ ବାହାରୁଥିବାରୁ ଗାଈଟିକୁ କୌଣସି ପାଗଳ କୁକୁର କାମୁଡ଼ି ଦେବାଦ୍ୱାରା ସେ ପାଗଳ ହୋଇଯାଇ ଥାଇପାରେ ବୋଲି ଥାନା ଅଧିକାରୀ ରିଗନ କିଣ୍ଡୋ ସନ୍ଦେହ କରି ଏ ସମ୍ପର୍କରେ ପୌର ପରିଷଦ ବିଭାଗକୁ ଫୋନ ଯୋଗେ ଜଣାଇ ଗାଈଟିକୁ ସୁରକ୍ଷିତ ଭାବେ ପଶୁ ଚିକିତ୍ସା କେନ୍ଦ୍ରକୁ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଜଣାଇଥିଲେ। ଗତ ଦୁଇଦିନ ତଳେ ସହରରେ ବୁଲା କୁକୁରଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଦିନକୁ ଦିନ କୁକୁର ଓ ଗାଈଗୋରୁଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ସଦର ମହକୁମାର ପ୍ରତି ସାହିରେ, ଗଳିକନ୍ଦିରେ, ମୁଖ୍ୟ ରାସ୍ତାରେ ଗାଈଗୋରୁ ଓ କୁକୁରଙ୍କ ସଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ରାସ୍ତା କିମ୍ବା ସାହି ଓ ଗଳିକନ୍ଦିମାନଙ୍କର ଜନସାଧାରଣ ଯାତାୟାତ କରୁଥିବା ସମୟରେ ଗାଈଗୋରୁ, ଷଣ୍ଢ, କୁକୁରମାନେ ଜନସାଧାରଣଙ୍କୁ ଘଉଡ଼ାଉଛନ୍ତି। ଗାଡ଼ିରେ ଯାଉଥିବା ଲୋକମାନେ ଭୟରେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ ବିଗତ ଦିନମାନଙ୍କରେ ମଧ୍ୟ ବହୁ ମହିଳା ଓ ଛୋଟ ଛୋଟ ପିଲାମାନେ ମଧ୍ୟ ଗାଈଗୋରୁ ଓ କୁକୁରମାନଙ୍କ ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। ଏ ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ, ପୌର ପରିଷଦ କୌଣସି ପଦକ୍ଷେପ ନେଉ ନ ଥିବାରୁ ରାଜରାସ୍ତାରେ ଗୋରୁଗାଈ ଓ କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଜନସାଧାରଣ ମଧ୍ୟ ଆକ୍ରମଣ ଓ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ମାଲକାନଗିରି ପୌର ପରିଷଦ ତରଫରୁ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ପତ୍ନୀଙ୍କୁ ନିର୍ଯାତନା; ସ୍ୱାମୀଙ୍କ ବିରୋଧରେ ମାମଲା

**ଜୟପୁର,୧୨।୨(ସମିସ):** ଜୟପୁର ମହିଳା ଥାନାରେ ପତ୍ନୀଙ୍କୁ ନିର୍ଯାତନା ନେଇ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବୋରିଗୁମ୍ମା ଥାନା ଅଞ୍ଚଳର ଅଞ୍ଜନୀ ହରିଜନ ତାଙ୍କ ସ୍ୱାମୀ ବି.ସିଙ୍ଗପୁର ଥାନା ନୂଆଗାଁ ଗ୍ରାମର ଅଭିରାମ ହରିଜନ (୪୩)ଙ୍କୁ ୨୧ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୪ଟି ଝିଅ ରହିଥିବା ଯୋଗୁଁ ପତ୍ନୀଙ୍କୁ ଘରୁ ବାହାର କରିଦେଇଥିଲେ। ଫଳରେ ପତ୍ନୀ ବୋରିଗୁମ୍ମାରେ ରହୁଥିଲେ। ଝିଅମାନଙ୍କ ଲାଳନପାଳନ ନେଇ ବାରମ୍ବାର ସ୍ୱାମୀଙ୍କୁ କହିଥିଲେ ସୁଦ୍ଧା ସେ କିଛି ଶୁଣୁନଥିବାରୁ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତଦନ୍ତକାରୀ ଅଧିକାରୀ ଭାବେ ବିକାଶ ଚନ୍ଦ୍ର ନାୟକ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଅନିତା କୁଜୁର ପ୍ରକାଶ କରିଛନ୍ତି।

ସ୍ମୃତିରେ....ସ୍ମୃତିରେ...ଚିର ସ୍ମରଣୀୟ ଚିରଞ୍ଜିତ୍

୧ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ଚିରଞ୍ଜିତ୍ ରାଜଗୁରୁ

ଆବିର୍ଭାବ: ୨୬.୦୬.୧୯୭୩
ତିରୋଧାନ: ୨୫.୦୧.୨୦୨୩

ଡା ସାଗର ରଞ୍ଜନ ତ୍ରିପାଠୀ,
ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଓ ସାହିତ୍ୟିକ

ନଶ୍ୱର ଜଗତରେ କାହାର ସ୍ଥିତି ଚିରସ୍ଥାୟୀ ନୁହେଁ। ମହାକାଳ ଆଗରେ ଦିନେ ମଣିଷ ହାର ମାନିଯାଏ ଏବଂ ସମସ୍ତଙ୍କୁ ଦୁଃଖ ଦେଇ ଜୀବନ ରଙ୍ଗ ମଞ୍ଚରୁ ସେ ଦିନେ ବିଦାୟ ନିଏ। ଜୀବନ ଅବଧିରେ ମୂଲ୍ୟବାନ୍ ମୁହୂର୍ତ୍ତର ସଦବିନିଯୋଗ କରି ନିଜନିଜ ଧର୍ମ ପାଳନ କରି ସମସ୍ତଙ୍କ ନିକଟରେ ପ୍ରିୟ ମଣିଷର କଥା କିନ୍ତୁ ତାର ବିଦାୟ ପରେ ମନରୁ ଲିଭେ ନାହିଁ। କାଳର ଚକ୍ରବ୍ୟୁହରେ ମଣିଷର ଦାୟିତ୍ୱ ପଣ ହାରିଯାଏ। କାଳ ହାତରେ ରହିଥିବା ଭାଗ୍ୟ ଡୋରି ଛିଣ୍ଡି ଆକସ୍ମିକ ଭାବେ ଯଦି କାହାକୁ ନେଇ ଅଳିକ ଅଭିନୟର ଜୀବନ ପର୍ବ ମିଥ୍ୟା ବୋଲି କହିଦିଏ ଅନ୍ତରକୁ ଖୁବ୍ ବାଧିଥାଏ। ସ୍ୱାର୍ଥ ଭୋଗ ସର୍ବସ୍ୱ ରୁ ଉର୍ଦ୍ଧ୍ୱରେ ରହିଥିବା ମଣିଷଟିର ଆକସ୍ମିକ ବିଦାୟ ଦୁଃଖ ଯେ ପରିବାର ପାଇଁ ଯେଉଁ ଦାରୁଣ ବିପର୍ଯ୍ୟୟ କାରଣ ହୁଏ ସେଇକଥା ସେ ପରିବାର ଅନୁଭବୀ ମଣିଷ ହିଁ ଜାଣିଥା। କାହାର ଅନୁପସ୍ଥିତି ଏବଂ ଅଭାବରେ ଯଦି ସିଏ ଆଦର ସମ୍ମାନ ଶ୍ରଦ୍ଧା ଲାଭ କରି ତାର କୃତି ଓ କର୍ତ୍ତବ୍ୟ ପରାୟଣ ଜୀବନୀ କଥା ମନେ ପକାଯାଏ ତେବେ ସେ ଯେ ଦୃଷ୍ଟାନ୍ତ ମୂଳକ ଆଦର୍ଶ କାମ କରିଛି ଏକଥା କହିବାରେ ଦ୍ୱିଧା ନାହିଁ। ଯଶ ଦେହରେ ସେହି ମଣିଷର କୃତିତ୍ୱ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଯାଏ ଏବଂ ଜୀବନ ସାର୍ଥକ ହୁଏ।

ହଁ ସେଇ ଜୀବନ ସାର୍ଥକ ମଣିଷ ଆକସ୍ମିକ ଭାବେ ଆମ ଗହଣରୁ ୨୦୨୩ ମସିହା ଜାନୁଆରୀ ୨୫ ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ବିଦାୟ ନେଲେ। ବୟସ ମାତ୍ର ୫୦ବର୍ଷ। ଖୁବ୍ ସୁନ୍ଦର ଚେହେରା, ସଦା ହସହସ ମୁହଁ ଓ ଖୁବ୍ ମେଳାପୀ ବନ୍ଧୁ ପରି ବନ୍ଧୁ ଚିଣ୍ଟୁ ଭାଇ ସମସ୍ତଙ୍କ ପ୍ରିୟ ନାମ। ଚିରଞ୍ଜିତ ରାଜଗୁରୁ, ରାଜଗୁରୁ ପରିବାରର ଅନ୍ୟତମ ଆକର୍ଷଣୀୟ ବ୍ୟକ୍ତିତ୍ୱ ବଡଭାଇ ଦକ୍ଷ ସଂଗଠକ, ଓଡିଶା ଗଣ ମାଧ୍ୟମ ର ବରିଷ୍ଠ ବ୍ୟକ୍ତିତ୍ୱ ଶକ୍ତିଧର ରାଜଗୁରୁଙ୍କ ସାନ ଭାଇ ଥିଲେ ଚିଣ୍ଟୁ ଭାଇ। ଓଡିଶାରେ ବହୁ ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ଦକ୍ଷତାର ସହିତ କାର୍ଯ୍ୟ କରିଥିବା ଚିରଞ୍ଜିତ ରାଜଗୁରୁ ନିଜସ୍ୱ ବ୍ୟବସାୟରେ ମଧ୍ୟ ଖୁବ୍ ପ୍ରତିଷ୍ଠିତ ରହିଥିଲେ। ଗଞ୍ଜାମ ଓକିଲ ସଂଘର ସକ୍ରିୟ ସଦସ୍ୟ ତଥା ବ୍ରହ୍ମପୁର ପ୍ରେସ କ୍ଲବର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ସମୃଦ୍ଧି ପାଇଁ ଯାହାଙ୍କ ସ୍ୱର ଥିଲା ଶାଣିତ। ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ତରେ ସମସ୍ତଙ୍କ ମନକୁ ଜିଣିନେଇ କ୍ଷଣକରେ ଆପଣାର କରି ନେଉଥିବା ମଣିଷ ଥିଲେ ଚିରଞ୍ଜିତ ରାଜଗୁରୁ। ଚିରଞ୍ଜିତ ଭାଇ କୌଣସି ବନ୍ଧୁଙ୍କ ଦେହାନ୍ତ ହେଲେ ଖୁବ୍ ବ୍ୟଥିତ ହୋଇ ସେ ପରିବାରର ଯନ୍ତ୍ରଣା ପ୍ରଶମିତ କରିବାରେ ଯଥାସାଧ୍ୟ ସାହାଯ୍ୟ ଓ ସହଯୋଗ କରି ଆଗରେ ଠିଆ ହୋଇଥିବା ମଣିଷ। ସେ ଥିଲେ ଖୁବ୍ ଭାବପ୍ରବଣ ଏବଂ ଉତ୍ସାହୀ ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱ। ଅନେକଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାରେ ସେଥିଲେ ଖୁବ୍ ଅଗ୍ରଣୀ। ଇ ଟିଭିର କ୍ୟାମେରା ମ୍ୟାନ୍ ସୁକାନ୍ତ ପାଣିଗ୍ରାହୀ (ଲିଟୁ)ଙ୍କ ଦେହାନ୍ତ ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। ଲିଟୁଙ୍କ ବିୟୋଗରେ ସେଇ ପରିବାରକୁ ୫୦ ହଜାର ଟଙ୍କାର ଧନରାଶି ଆର୍ଥିକ ସହାୟତା ଦେଇ ଥିବା ଦରଦୀପ୍ରାଣ। ଉଦାର ହୃଦୟର ମାନବବାଦୀ ମଣିଷ ଥିଲେ ବନ୍ଧୁ ଚିରଞ୍ଜିତ।

ସତରେ ତାହୁଁ ତାହୁଁ ଗୋଟିଏ ବର୍ଷ ବିତିଯାଇଛି। ଅନେକ କଥା ଆଜି ସ୍ମୃତି ପଟରେ ନାଚି ଉଠେ। ମୋର ଜଣେ ଉତ୍ତମବନ୍ଧୁ ଥିଲେ। ଖୁବ୍ ମେଳାପୀ ସାହାସୀ ବ୍ୟକ୍ତିତ୍ୱ। ବ୍ରହ୍ମପୁର ସକାଳ ଖବର କାଗଜରେ କାର୍ଯ୍ୟକରି ଖୁବ୍ ଲୋକପ୍ରିୟ ଥିଲେ। ବିଶେଷ କରି ଅପରାଧ ଖବର ଗୁଡିକର ଅନୁଶୀଳନ କରିବା ଅନୁଧ୍ୟାନ କରି ପ୍ରମାଣିକ ତଥ୍ୟ ସହିତ ଖବର ଉପସ୍ଥାପନରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ଜୀବନରୁ ସାମ୍ବାଦିକ ଜୀବନ ଓ ସାମାଜିକ ଜୀବନରୁ ସାଂସ୍କୃତିକ ଜୀବନରେ ସେ ଛାଡି ଯାଇଛନ୍ତି ଅନେକ ପଦ ଚିହ୍ନ। ତାଙ୍କ ପରି ଜଣେ ଉଦାର ହୃଦୟର ମଣିଷଙ୍କୁ ଯେଉଁମାନେ ବନ୍ଧୁ ଭାବେ ପାଇଥିଲେ ସେମାନଙ୍କ ପାଇଁ ଚିରଞ୍ଜିତ ରାଜଗୁରୁ ଚିର ସ୍ମରଣୀୟ।

ହଁ ଗୋଟିଏ ବର୍ଷ ବିତିଯାଇଛି ତାଙ୍କର ବିୟୋଗର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ପାଇଁ ଆଲେଖ୍ୟ ପ୍ରସ୍ତୁତ କଲା ବେଳେ ଆଖି ହୁଏ ଅଶ୍ରୁଳ। ଜଣେ ନିଷ୍ଠାପର ସାମ୍ବାଦିକ ଓ ଚଳଚଞ୍ଚଳ ଯୁବ ସୁଲଭ ପ୍ରତିଭା ସମ୍ପନ୍ନ ମଣିଷ ପ୍ରତି ନିୟତିର ବିଚାର ନିଷ୍ଠୁର ଥିଲା। ବୟସ ହୋଇ ନଥିବା ମଣିଷଟିର ପରିବାର ଭିତରୁ ଆକସ୍ମିକ ଚାଲିଯିବା କଣ ସହଜରେ କେବେ ଗ୍ରହଣ କରିହେବ। କି ସାନ୍ତ୍ୱନା ଦେବା ପାଇଁ କାହାର ସାମର୍ଥ୍ୟ ଅଛି ତାଙ୍କର ପୁଅ ଆଦର୍ଶ ଓ ଝିଅ ଆହାନାଙ୍କୁ? ଛଳ ଛଳ ଆଖିରେ ସେଦିନ ଠିଆ ହୋଇଥିଲେ ତାଙ୍କର ଦଦେଇ (ଶକ୍ତିଭାଇ)ଙ୍କ ପାଖରେ ମୁହଁକୁ ଚାହିଁ ହେଉନଥାଏ। ସ୍ତ୍ରୀଙ୍କ ପାଇଁତ ସର୍ବସ୍ୱ ଥିଲେ। ତାଙ୍କ ପତ୍ନୀ ଅମ୍ରିତା ପ୍ରିୟଦର୍ଶନୀ ଙ୍କ ସଂସାରର ସବୁ ସୁଖସମ୍ପଦ ଥିଲେ ସେ। ଚିର ଦିନ ନୀରବି ଗଲା ମଧୁର ଆଳାପ। କାଢସିନ୍ଦୁର ଅଧିକାର ଛଡାଇ ନେଲା ନିୟତି। ବିଧାତା ଅନ୍ୟାୟ କରି ଅଂଶୁମାନର ଯନ୍ତ୍ରଣାଦାୟକ ଅଂଶୁଘାତ ସମ ଦୁଃଖ ଅଜାଡି ଦେଇଥିବା ସ୍ତ୍ରୀ ଅମ୍ରିତାଙ୍କ ଶିର ଉପରେ ଛିଣ୍ଡିପଡିଲା ଆକାଶ, ପାଦତଳୁ ଫାଟିଗଲା ବସୁଧା। କିଏ ବୁଝାଇବା ପାଇଁ କଣ ସମର୍ଥ? ଆଦୌ ନୁହେଁ...

ପରିବାରର ସକଳ ସୌଭାଗ୍ୟ ସୌନ୍ଦର୍ଯ୍ୟ ନିତି କାମନା କରି ପ୍ରାର୍ଥନା କରୁଥିବା ବାପା ମାଆଙ୍କ ପାଇଁ ଅଜାଡି ହୋଇଗଲା ଦୁଃଖ, ଦୁଃଖ ଦୁଃଖ। ବାପା ମାଆ ଙ୍କ ଆଗରେ ସୁନ୍ଦର ଶାଳ ବପୁ ବାନ୍ ଯୁବକ ଚାଲିଯିବାର ଯନ୍ତ୍ରଣା କେତେ ଯେ ବେଦନା ଦାୟକ ସେ ପୀଡା ସେମାନେ ହିଁ ଜାଣିଥିବେ। ହଁ ବର୍ଷଟିଏ ବିତିଗଲା ଅଭୁଲା ହୋଇ ରହିଗଲେ ସ୍ୱଜନ, ସୁଜନ, ସୋହାଦର ଓ ବନ୍ଧୁମାନଙ୍କ ପାଇଁ ଚିରଞ୍ଜିତ ରାଜଗୁରୁ। ସେ ଚିର ଅମ୍ଳାନ ସ୍ମରଣୀୟ ବ୍ୟକ୍ତିତ୍ୱ ଗୁଣଗ୍ରାହୀ ସ୍ୱଜନ ସହୃଦୟ ସହିତ ଅଯାଚିତ ଭାବେ ଚିରଞ୍ଜିତ ଭାଇ ଙ୍କ ଗୁଣକୁ ଭୁଲିନପାରି ବହୁତ କିଛି ଅଭିବ୍ୟକ୍ତି ଲେଖୁଛନ୍ତି, ସତରେ ସେ ଚିର ସ୍ମରଣୀୟ ଚିରଞ୍ଜିତ

ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରେ ଭାବ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

# ସିଲଟିଗୁଡ଼ା ଡ୍ୟାମ୍‌ରେ ବୁଡ଼ି ଛାତ୍ର ନିଖୋଜ



**ରାୟଗଡ଼ା,୧୨।୨(ସମିସ)**

ସାଙ୍ଗମାନଙ୍କ ସହ ସିଲଟିଗୁଡ଼ା ଡ୍ୟାମରେ ଭୋଜି କରିବାକୁ ଆସି ଆଉ ଘରକୁ ଫେରିଲେ ନାହିଁ ଚୈତନ୍ୟ। ଡ୍ୟାମରେ ଥିବା ଗଭୀର ପାଣିରେ ପହଁରୁଥିବାବେଳେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସାଙ୍ଗମାନେ ବହୁ ଖୋଜାଖୋଜି ପରେ ନ ପାଇବାରୁ ସ୍ଥାନୀୟ ଗ୍ରାମବାସୀ, ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ତଥାପି ଡ୍ୟାମରେ ଚୈତନ୍ୟଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଚୈତନ୍ୟଙ୍କର କୌଣସି ଖୋଜଖବର ନ ଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସିଲଟିଗୁଡ଼ା ଡ୍ୟାମରେ। ନିଖୋଜ ହୋଇଥିବା ପିଲାଟିର ନାମ ଜି.ଚୈତନ୍ୟ କୁମାର ଏବଂ ତାଙ୍କ ଘର ରାୟଗଡ଼ା ସହରର ସାଇପ୍ରିୟା ନଗରରେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ରବିବାର ୮/୯ ଜଣ ସାଙ୍ଗଙ୍କ ସହ ମିଶି ଚୈତନ୍ୟ ସିଲଟିଗୁଡ଼ା ଡ୍ୟାମରେ ଭୋଜି କରିବାକୁ ଆସିଥିଲେ। କିଛି ସାଙ୍ଗ ଭୋଜି କରୁଥିବାବେଳେ କିଛି କ୍ରିକେଟ ଖେଳୁଥିଲେ। ଏହି ସମୟରେ ଚୈତନ୍ୟ ଡ୍ୟାମରେ ପହଁରି ପହଁରି ଭିତରକୁ ଯାଇଥିଲେ। କିଛି ସମୟ ପରେ ସାଙ୍ଗମାନେ ଚୈତନ୍ୟଙ୍କୁ ଖୋଜିଥିଲେ। ତେବେ ଡ୍ୟାମ ଭିତରେ ଚୈତନ୍ୟ ଆଉ ଦେଖାଯାଉ ନ ଥିବାରୁ ଜଣେ ସାଙ୍ଗ ନିଜ ସାଥିରେ ନେଇଥିବା ଟ୍ୟୁବ୍ ସାହାଯ୍ୟରେ ଡ୍ୟାମ ଭିତରକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ଚୈତନ୍ୟଙ୍କୁ ପାଇ ନ ଥିଲେ। ତୁରନ୍ତ ସିଲଟିଗୁଡ଼ା ଗ୍ରାମବାସୀଙ୍କୁ ଯାଇ ଅବଗତ କରାଇବା ସହ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଚାନ୍ଦିଲି ଥାନା ପୁଲିସ ଓ କୋଲନରା ଅଗ୍ନିଶମ ବାହିନୀ ଓ ଗ୍ରାମବାସୀମାନେ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ମିଳିନି। ଦିନ ତମାମ ଖୋଜାଖୋଜି କରାଯାଇଥିବାବେଳେ ସନ୍ଧ୍ୟାରେ ଅନ୍ଧାର ହେତୁ ସୋମବାର ସକାଳେ ମଧ୍ୟ ଖୋଜିବା ଆରମ୍ଭ ହୋଇଥିଲା। ରାୟଗଡ଼ା ଅଗ୍ନିଶମ ବାହିନୀ ମଧ୍ୟ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ ଦିନତମାମ ଖୋଜିଥିଲେ ମଧ୍ୟ ଚୈତନ୍ୟଙ୍କର କୌଣସି ପତ୍ତା ମିଳିନାହିଁ। ଘଟଣାସ୍ଥଳରେ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଆବଶ୍ୟକ ସ୍ଥଳେ ମଙ୍ଗଳବାର ସକାଳୁ ଓଡ୍ରାଫ୍ ଟିମକୁ ନିୟୋଜିତ କରାଯାଇ ଡ୍ୟାମରେ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ସିଲଟିଗୁଡ଼ା ଡ୍ୟାମରେ ପ୍ରାୟ ୨୫ରୁ ୩୦ ଫୁଟ ଯାଏଁ ପାଣି ରହିଥିବାରୁ ଖୋଜିବା ଏକ ପ୍ରକାର ମୁସ୍କିଲ ହୋଇଛି। ଡ୍ୟାମରେ ପୂର୍ବରୁ ଯେତେ ଜଣ ବୁଡ଼ିଛନ୍ତି ସେହି ଘଟଣାଗୁଡ଼ିକରେ ନିଖୋଜଙ୍କ ଶବ ଦୁଇରୁ ତିନି ଦିନ ପରେ ହିଁ ଭାସୁଥିବା ଜଣାପଡୁଛି ବୋଲି ରାୟଗଡ଼ା ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ନିଖୋଜ ଚୈତନ୍ୟଙ୍କର କୌଣସି ପତ୍ତା ମିଳି ନ ଥିବାରୁ ସେ ମୃତ ନା ଜୀବିତ ତାହା ଜଣାପଡ଼ିନାହିଁ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

➤ ଅଗ୍ନିଶମ ବାହିନୀଙ୍କ ଉଦ୍ଧାର କାର୍ଯ୍ୟ ଜାରି
➤ ନିୟୋଜିତ ହେବେ ଓଡ୍ରାଫ୍ ଟିମ୍

## ସ୍ୱାଭିମାନ ଅଞ୍ଚଳରୁ ସିପିଏମ୍‌ର ମହାପଦଯାତ୍ରା ଆରମ୍ଭ



**ଚିତ୍ରକୋଣ୍ଡା,୧୨।୨(ସମିସ)**

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରୁ ସୋମବାର ଆରମ୍ଭ ହୋଇଛି ସିପିଏମର ମହାପଦଯାତ୍ରା। ଏହି ପଦଯାତ୍ରା ସ୍ୱାଭିମାନ ଅଞ୍ଚଳର ଜାନବାଇଠାରୁ ଆରମ୍ଭ ହୋଇଛି ଓ ଗତ ୨୦ ତାରିଖରେ ମାଲକାନଗିରିଠାରେ ସମାପ୍ତ ହେବ। ସିପିଏମ ରାଜ୍ୟ ସମ୍ପାଦକ ଅଳୀ କିଶୋର ପଟ୍ଟନାୟକ ଏହି ସମାବେଶରେ ଯୋଗଦେଇଛନ୍ତି। ମାଲକାନଗିରି ଜିଲ୍ଲା ସମ୍ପାଦକ ବ୍ରଜ ମାଝିଙ୍କ ନେତୃତ୍ୱରେ ହଜାର ହଜାର ସିପିଏମ କର୍ମୀ ଏହି ସମାବେଶରେ ଯୋଗଦେଇଛନ୍ତି। ଆଦିବାସୀମାନଙ୍କ ଜମିର ସୁରକ୍ଷା ୧୦ ଏକର ପର୍ଯ୍ୟନ୍ତ ଜଙ୍ଗଲ ଜମିର ପଟ୍ଟା ଓ ଘରପଟ୍ଟା, ପେଶା ଆଇନ ପାଇଁ ଅଧିନିୟମ ପ୍ରଣୟନ ଓ ଗ୍ରାମସଭାକୁ ପୂର୍ଣ୍ଣ ଅଧିକାର, ଏନଆରଜିଏରେ ୨୦୦ ଦିନ କାମ ଓ ୬୦୦ ଟଙ୍କା ମଜୁରୀ, ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ମାସିକ ୩୦୦୦ ଟଙ୍କା, ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ, ମାଣ୍ଡିଆ, ସୁଆଁ ପାଇଁ କ୍ଷତିପୂରଣ, ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ଓ ଟାଟା କମ୍ପାନୀର ଜୁଲମ ବନ୍ଦ କରିବା ଆଦି ୭ ଦଫା ଦାବିରେ ଏହି ପଦଯାତ୍ରା ଆରମ୍ଭ ହୋଇଛି।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



**ବୋରିଗୁମ୍ମା,୧୨।୨(ସମିସ):** କୋରାପୁଟ ଜିଲ୍ଲାର କୋଟପାଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶଶାହାଣ୍ଡି ପଞ୍ଚାୟତର ବାମୁଣିଆଗୁଡ଼ା ଗ୍ରାମରେ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶଶାହାଣ୍ଡି ଜଗନ୍ନାଥ ମନ୍ଦିରର ରାଜା ନାରାୟଣ ସାହୁ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମନ୍ଦିରର ବାର୍ଷିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ। ପ୍ରଥମ ଦିନ ଦୀକ୍ଷା ଗ୍ରହଣ ସହ କଳସ ଯାତ୍ରା, ବନଯୋଗ, ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଅଷ୍ଟପ୍ରହର ପାଇଁ କଳସ ଯାତ୍ରା, ଗଙ୍ଗା-ଯମୁନା ପୂଜାର୍ଚ୍ଚନା ସହ ସକାଳୁ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ସହ ଶ୍ରୀବିଗ୍ରହ ମହାସ୍ନାନ ସହ ପ୍ରାଣ ପ୍ରତିଷ୍ଠା ମହାସମାରୋହ ଅନୁଷ୍ଠିତ ହେବ। ଶେଷ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ବିଶ୍ରାମ ବିଧାନ ନଗର କୀର୍ତ୍ତନ, ଦେବତା ସ୍ଥାପନ ସହ ଘୃତଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଦିନ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଟୁନା ପ୍ରଧାନ, ହରିହର ହରିଜନ, ଚକ୍ରଧର ଗାଦବା ସଂକୀର୍ତ୍ତନର ନେତୃତ୍ୱ ନେଇଛନ୍ତି। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଦିଲ୍ଲୀପ ରଥ ଓ ଟୁଟୁ ଦାସ ସହ ଦେବାଶିଷ ମହାପାତ୍ର, ଅଭିଷେକ ମହାପାତ୍ର, ସନାତନ ଦାସ, ସମୟ ରଞ୍ଜନ ପଣ୍ଡା, ଶଙ୍କର ଷଡ଼ଙ୍ଗୀ, ସନ୍ତୋଷ ମିଶ୍ର, ଭାବନା ମିଶ୍ର, ବାପି ପଣ୍ଡା, ଜିତୁ ପାଢ଼ୀ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି।

### ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

## ମା’, ମାଟି, ମାତୃଭାଷା ଆମ ଗର୍ବ ଓ ସମ୍ମାନ: ବିଧାୟକ

**ନନ୍ଦପୁର,୧୨।୨(ସମିସ):** ମା, ମାଟି, ମାତୃଭାଷା ଆମ ଗର୍ବ ଓ ଆମ ସମ୍ମାନ ବୋଲି କହିଛନ୍ତି ପଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି। ନନ୍ଦପୁର ସ୍ଥିତ ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଏପରି କହିଛନ୍ତି। ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ମାତୃଭାଷା ପ୍ରତି ମମତା ଓ ଆଦର ରଖିବା ସହ ମା’, ମାଟି ଓ ମାତୃଭାଷା ଆମ ଗର୍ବ ଆମ ସମ୍ମାନ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଯେଉଁ ପର୍ଯ୍ୟନ୍ତ ମାତୃଭାଷା ପ୍ରତି ପ୍ରେମ ଓ ସମ୍ମାନ ଜାଗ୍ରତ ହୋଇନାହିଁ ସେ ପର୍ଯ୍ୟନ୍ତ ଆମ ଭାଷା ଓ ସାହିତ୍ୟ ସୁରକ୍ଷିତ ନୁହେଁ ବୋଲି ସେ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ନନ୍ଦପୁର ଦୁର୍ଗା ପ୍ରସାଦ ଦୋରା ଯୋଗଦେଇ ରାଜ୍ୟର ସମସ୍ତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ପୁରୀ ପରିକ୍ରମା ପ୍ରକଳ୍ପ ପର୍ଯ୍ୟନ୍ତ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବୈଜୟନ୍ତୀ ସାମଲ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ବିଜୟ କୁମାର ପ୍ରଧାନ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ପରିଚାଳନା ସଭାପତି ଭଗବାନ ପେଟିଆ, ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲରି, ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ନାରାୟଣ ଶତପଥୀ ପରିଚାଳନା କରିଥିବାବେଳେ ଅଧ୍ୟାପକ ରଞ୍ଜନ ବେହେରା, ଅଧ୍ୟାପିକା ବାତ୍, ସେବା ତାଣ୍ଡି, ଉଷା ପ୍ରଧାନ, ସିପ୍ରା ମଣ୍ଡଳ, ଉଳୀୟମ ତୁରୁକ୍, ଶ୍ରୀରାମ ପାତ୍ର, ତୃପ୍ତି ପ୍ରଭା ପଟ୍ଟନାୟ କ, ଦିଲ୍ଲୀପ ମହାନ୍ତି, ସରୋଜ କୁମାର ପାତ୍ର, ହୃଷୀକେଶ ପୃଷ୍ଟି, ଭୀମ ଖେମୁଣ୍ଡୁ, ଦୁର୍ଯ୍ୟୋଧନ ଦଳପତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ତେନ୍ତୁଳିଖୁଣ୍ଟି ବ୍ଲକ୍ ପରଜା ସମାଜ ସଭାପତିଙ୍କ ପରଲୋକ

**ତେନ୍ତୁଳିଖୁଣ୍ଟି,୧୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପରଜା ସମାଜ ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଦାଶିବ ଜାନିଙ୍କ ମାଆ ଭଗବତୀ ଜାନିଙ୍କ ପରଲୋକ ଘଟିଛି। ୮୨ ବର୍ଷ ବୟସରେ ସୋମବାର ଭୋର୍ ୪ଟା ସମୟରେ ତାଙ୍କ ଘର କୁକୁଡ଼ାବାଇରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବିଂଜିଲି ପଞ୍ଚାୟତରେ ବିଜେପିର ବୈଠକ

**କୋଷାଗୁମୁଡ଼ା,୧୨।୨(ସମିସ):** ନବରଙ୍ଗପୁର ନିର୍ବାଚନମଣ୍ଡଳୀ କୋଷାଗୁମୁଡ଼ା ବ୍ଲକର ବିଂଜିଲି ପଞ୍ଚାୟତ ଅନ୍ତର୍ଗତ ସିଆଳିମାଳଗୁଡ଼ାଠାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଆଳିମାଳଗୁଡ଼ା ଓ ଉକିଆପାଲି ଗ୍ରାମର ହରେ ସମରଥ, ଜଗନ୍ନାଥ ଭତରା, ଗୋପାଳ ଭତରା, ସନପତି ଭତରା, ଖଗ ଭତରା, ରଘୁନାଥ ଭତରା, ଦୁଲଭ ମାଝୀ, କୃପା ଭତରା, ଶଙ୍କର ସମାରଥ, ମନସାଏ ମାଝୀ, ଦୟାରାମ, ନବୀନ ପୂଜାରୀ, ପୂରନ ମାଝୀ, ଅଭିମନ୍ୟୁ ମାଝୀ, ତୁଲାରାମ ନାୟକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ଗୌରୀ ଶଙ୍କର ମାଝୀ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ସୀମାଞ୍ଚଳ ବିଷୋୟୀ, ମଣ୍ଡଳ ସଭାପତି ଗୋପୀନାଥ ଭତରା, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରାମ ଭତରା, ଦୟାସିନ୍ଧୁ ଭତରା, ମହନ କଲାର, ପ୍ରଚେଣ୍ଡା ଭତରା, ଧନେଶ୍ୱର ଭତରା ସହ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସହରର ସିସିଟିଭି ବ୍ୟବସ୍ଥାକୁ ଚୋରଙ୍କ ଚ୍ୟାଲେଞ୍ଜ

## ମନ୍ଦିର ଓ ଶିକ୍ଷକଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ରାୟଗଡ଼ା,୧୨।୨(ସମିସ)**

ରାୟଗଡ଼ା ସହରରେ ଚୋରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ରାୟଗଡ଼ା ଥାନା ପୁଲିସର କଡ଼ା ପାଟ୍ରୋଲିଂ ଓ ସିସିଟିଭି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଚୋରମାନେ ଘର ଓ ମନ୍ଦିରରେ କଳାକନା ବୁଲାଇ ଦେଉଛନ୍ତି। ଏଭଳି ଘଟଣାକୁ ନେଇ ସହରବାସୀ ପୁଲିସଙ୍କ ସୁରକ୍ଷା ବ୍ୟବସ୍ଥା ଉପରୁ ଆସ୍ଥା ହରାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ରବିବାର ବିଳମ୍ବିତ ରାତିରେ ନ୍ୟୁ କଲୋନୀର ତୃତୀୟ ଗଳି ସ୍ଥିତ ସତ୍ୟସାଇ ମନ୍ଦିରରେ ଚୋରି କରିଥିବା ନେଇ ରାୟଗଡ଼ା ଥାନାରେ ଏତଲା ଦିଆଯାଇଛି। ମନ୍ଦିରରେ ଥିବା ସତ୍ୟସାଇଙ୍କ ବଡ଼ ଫଟୋଚିତ୍ର ପଛରେ ଥିବା ରୁପାରେ ନିର୍ମିତ ଫଟିକକୁ ଚୋରି କରି ନେବା ସହ ସତ୍ୟସାଇଙ୍କ ଫଟୋକୁ ମନ୍ଦିର ପରିସରରେ ଫୋପାଡ଼ି ଦେଇ ଚାଲିଯାଇଛନ୍ତି। ଫଟିକର ଦାମ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ସତ୍ୟସାଇ ମନ୍ଦିର ପରିଚାଳନା କମିଟି ପ୍ରକାଶ କରିଛି। ତେବେ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରେ ଜଣେ ଚୋର ଚୋରି କରୁଥିବାର ଦୃଶ୍ୟ ରେକର୍ଡ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରେ ରାୟଗଡ଼ା ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମିରଞ୍ଜନ ସେନାପତି, ରାୟଗଡ଼ା ଥାନା ଅଧିକାରୀ ନିହାର ରଞ୍ଜନ କହଁରଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଓ ଡଗସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସେହିପରି ରାୟଗଡ଼ା ସହରର ଜିସିଡି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ମହନ୍ତଙ୍କ ସରକାରୀ କ୍ୱାର୍ଟର୍ସରୁ ମଧ୍ୟ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି। ଜିସିଡି ହାଇସ୍କୁଲ ନିକଟସ୍ଥ ପୁରୁଣା ଏଲଆଇସି କଲୋନୀ ସ୍ଥିତ ସରକାରୀ କ୍ୱାର୍ଟର୍ସରେ କ୍ରୀଡ଼ା ଶିକ୍ଷକ ଶ୍ରୀ ମହନ୍ତ ବାସ କରୁଛନ୍ତି। ଗତ ଜାନୁଆରୀ ମାସ ୨୮ ତାରିଖରୁ ଭୁବନେଶ୍ୱର ସ୍ଥିତ କିଟ୍ କ୍ୟାମ୍ପସରେ ଅନୁଷ୍ଠିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ରବିବାର ସକାଳେ ରାୟଗଡ଼ାକୁ ଫେରିଥିଲେ। ଘରେ ପହଞ୍ଚି ମୁଖ୍ୟ କବାଟ ଖୋଲି ଘର ଭିତରକୁ ପଶିଥିବାବେଳେ ଘରର ପଛପଟ କବାଟ ଭାଙ୍ଗି ଚୋରମାନେ ଘରେ ଥିବା ଏକ ଦାମୀ ମୋବାଇଲ, ଲାପଟପ୍, ଟ୍ୟାବ୍ ସମେତ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଯାଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଏ ନେଇ ରାୟଗଡ଼ା ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବି.ସି.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାୟଗଡ଼ା ସହରରେ କଡ଼ା ପୁଲିସ ପାଟ୍ରୋଲିଂ ହେଉଥିଲେ ସୁଦ୍ଧା ଚୋରମାନେ ଚୋରି କରିବାରେ ସଫଳ ହେଉଥିବାରୁ ପୁଲିସ ପାଟ୍ରୋଲିଂ ଓ ସିସିଟିଭି ବ୍ୟବସ୍ଥା ଉପରେ ଏବେ ସହରବାସୀ ପ୍ରଶ୍ନ କରୁଛନ୍ତି।

## କୋଟପାଡ଼ରେ ଜିଲ୍ଲାପାଳଙ୍କ ଜନଶୁଣାଣି ଓ କ୍ଷେତ୍ର ପରିଦର୍ଶନ




**କୋଟପାଡ଼,୧୨।୨(ସମିସ):** କୋଟପାଡ଼ ବ୍ଲକ୍ ସଭାଗୃହରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ କୋରାପୁଟ ଏସପି ଅଭିନବ ସୋନକାର୍ ଉପସ୍ଥିତ ରହି ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳର ଅଭିଯୋଗ ଗ୍ରହଣ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆସିଥିବା ୩୭ ମାମଲାର ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିବାବେଳେ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ, କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନୀ, କୋଟପାଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପାଢ଼ୀ, ସିଡିପିଓ ଶ୍ରୀ ତ୍ରିପାଠୀ, ସହାୟକ ଯନ୍ତ୍ରୀ କ୍ଷୀରୋଦ ବେହେରା, ବ୍ଲକ୍ ମଙ୍ଗଳ ଅଧିକାରୀ ଆକାଶ ଜେନା, ଯୋଗାଣ ନିରୀକ୍ଷକ ସନ୍ତୋଷ ବେହେରାଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଭଞ୍ଜ ସଂସଦର କାର୍ଯ୍ୟକାରୀ କମିଟି ବୈଠକ



**ସୁନାବେଡ଼ା,୧୨।୨(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ମିଗନଗରୀସ୍ଥିତ ଭଞ୍ଜସଂସଦର ନୂତନ କର୍ମକର୍ତ୍ତାଙ୍କ ପ୍ରଥମ ବୈଠକ ସ୍ଥାନୀୟ ୟୁ ଜୋନ୍ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କାଳୁଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି ବିଘ୍ନେଶପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସାଂଗଠନିକ ସମ୍ପାଦକ ଅମର ବାଡ଼ତ୍ୟାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଯୋଗଦେଇ ସଂସଦର ସାଂଗଠନିକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଭଞ୍ଜସଂସଦର ୩୦ତମ ବାର୍ଷିକ ଉତ୍ସବ ସଫଳତାର ସହ ପାଳିତ ହୋଇଯାଇଥିବା ଯୋଗୁଁ ସଭାପତି ଏବଂ ସଧାରଣ ସମ୍ପାଦକ, ସଂସଦର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସଂସଦର ବରିଷ୍ଠ ତଥା ଅଭିଜ୍ଞ ସଦସ୍ୟ ଲକ୍ଷ୍ମୀନାରାୟଣ ଗୌଡ଼, ଭଗବାନ ସ୍ୱାଇଁ, ସୁରେଶ କୁମାର ପାତ୍ର, ଉମାଶଙ୍କର ପାଣି, ଶେଖ ଇବ୍ରାହିମ, ବିନୟଚନ୍ଦ୍ର ପଟ୍ଟନାୟକ, ପ୍ରତାପଚନ୍ଦ୍ର ପାତ୍ର ଓ ଡ. ଅଶୋକ କୁମାର ତ୍ରିପାଠୀଙ୍କୁ ନେଇ ଏକ ନୂତନ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। ଏତଦବ୍ୟତୀତ ଚଳିତ ବର୍ଷ ସଂସଦ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବି ସୂର୍ଯ୍ୟ ବଳଦେବ ରଥଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମ, ସଂସଦର ମୁଖପତ୍ର ‘ସମ୍ରାଟ’ର ପ୍ରକାଶନ, ଜିଲ୍ଲାସ୍ତରୀୟ କବି ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅୟୋଜନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂସଦର କର୍ମକର୍ତ୍ତା ସୁଦାମ ଦାଶ, ଭାନି ନନ୍ଦ, ଜିତେନ୍ଦ୍ର କୁମାର ସେନାପତି, ସନ୍ତୋଷ କୁମାର ଦଳାଇ, ସନ୍ତୋଷ କୁମାର ସାହୁ, ଅମର ବେହେରା, ବ୍ରହ୍ମାନନ୍ଦ ଭଞ୍ଜ, ସଞ୍ଜୟ କୁମାର ନାୟକଙ୍କ ସମେତ ଅରୁଣ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ପାତ୍ର, କୃଷ୍ଣପ୍ରସାଦ ନାୟକ, କମ୍ବୁପାଣି ମହାନ୍ତି, ଶଙ୍କର୍ଷଣ ବିଷୋୟୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅମର ବାଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ବଣ୍ଡାଘାଟି ପାଇଁ ମଣିଷରୂପୀ ଈଶ୍ୱର ପାଲଟିଛନ୍ତି ଡାକ୍ତର ଚମ୍ପେଶ୍ୱର

### ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ସଚେତନତା କରିବା ସହ ଯୋଗାଉଛନ୍ତି ଉତ୍ତମ ସ୍ୱାସ୍ଥ୍ୟସେବା

**ମାଲକାନଗିରି,୧୨।୨(ସମିସ):**

ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆପ୍ରାଣ ଚେଷ୍ଟା କରାଯାଉଥିବା ବେଳେ ଅନେକ ଅଞ୍ଚଳରେ ରାଜ୍ୟ ସରକାର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ସେବାକୁ ସଫଳ କରିବାର ମୁଖ୍ୟ ଦାୟିତ୍ୱ ରହିଥାଏ ସେଠିକାର ଡାକ୍ତରଙ୍କ ହାତରେ। ଜଣେ ଡାକ୍ତର ରୋଗୀମାନଙ୍କ ପାଇଁ ଭଗବାନ ସ୍ୱରୂପ ହୋଇଥାନ୍ତି। ନିସ୍ୱାର୍ଥପର ସେବା ଓ ଉନ୍ନତ ମାନର ଚିକିତ୍ସା ଯୋଗାଇବା ପାଇଁ ଶପଥ ନେଇଥିବା ବେଳେ ଏହାକୁ ସତ୍ୟ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ବଣ୍ଡାଘାଟିର ମୁଦୁଲିପଡ଼ାରେ ନିୟୋଜିତ ଡା. ଚମ୍ପେଶ୍ୱର ପାଣିଗ୍ରାହୀ। ମାଲକାନଗିରି ଜିଲ୍ଲାର ଏହି ବଣ୍ଡାଘାଟି ରହିଛି ସମୁଦ୍ର ପତନରୁ ୫୦୦୦ ଫୁଟ ଉଚ୍ଚରେ। ଯେଉଁଠି ବଣ ଓ ପାହାଡ଼ ଘେରା ପରିବେଶରେ ରୁହନ୍ତି ଆଦିମ ବଣ୍ଡା ଜେନଜାତି। ଆଉ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସେଠାରେ ରହିଛି ମୁଦୁଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହି କେନ୍ଦ୍ରକୁ ବର୍ତ୍ତମାନ ସୁନ୍ଦର ରୂପ ଦେବା ସହ ଫୁଲ ବଗିଚା, ପରିଷ୍କାର ପରିଚ୍ଛନ୍ନତା ରଖି ଚିକିତ୍ସାଳୟର ଚିତ୍ର ବଦଳାଇ ଦେଇଛନ୍ତି ଡା. ଚମ୍ପେଶ୍ୱର। ସପ୍ତାହର ସାତ ଦିନ, ଦିନର ୨୪ ଘଣ୍ଟା ଅନ୍ ଡ୍ୟୁଟି ରହି ଖରା, ବର୍ଷା, ଶୀତରେ ଅନବରତ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ସେ ଆସିବା ଦିନରୁ ଛୋଟମୋଟ ରୋଗୀଙ୍କଠାରୁ ଗର୍ଭବତୀଙ୍କ ଡେଲିଭରି ଯାଏଁ ବଣ୍ଡା ଆଦିବାସୀଙ୍କୁ ଆଉ ଯିବାକୁ ପଡୁନି ମାଲକାନଗିରି ଜିଲ୍ଲା ହସ୍ପିଟାଲ। ଚିକିତ୍ସା ସେବା ପାଇ ସେମାନଙ୍କ ଖୁସି ମଧ୍ୟ କାହିଁରେ କଣ। ଦୁଇ ବର୍ଷ ତଳେ ନିଯୁକ୍ତି ପାଇ ଏଠାକୁ ଆସିଥିଲେ ଡା. ଚମ୍ପେଶ୍ୱର। ସେତେବେଳେ ବଣ୍ଡା ଜନଜାତି ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି ଗୁଣିଆ ଓ ଦିଶାରୀଙ୍କୁ ଭରସା କରୁଥିଲେ। ସେଇଠୁ ଆରମ୍ଭ ହୋଇଥିଲା ଡା. ଚମ୍ପେଶ୍ୱରଙ୍କ ଅଭିଯାନ। ପ୍ରଥମେ ଗାଁଗାଁ ବୁଲି ଲୋକଙ୍କୁ ସଚେତନ କଲେ ଏବଂ ପରେ ମେଡିକାଲ ମୁହାଁ କରାଇଲେ। ଚିକିତ୍ସାଳୟର ଚିତ୍ର ବଦଳାଇ ଉତ୍ତମ ରୂପେ ରୋଗୀଙ୍କ ସେବା ପାଇଁ ବ୍ୟବସ୍ଥା କଲେ। ଷ୍ଟାଫଙ୍କୁ ଦାୟିତ୍ୱ ବୁଝାଇ ଉତ୍ତମ ସେବାର ପରାମର୍ଶ ବି ଦେଲେ। ଏବେ ବଣ୍ଡା ଘାଟିରେ କାହାର କଣ ହେଲେ ସିଧା ଆସୁଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ଡା. ଚମ୍ପେଶ୍ୱରଙ୍କ ପାଖକୁ। ବଣ୍ଡାଘାଟିର ଅପହଞ୍ଚ ଇଲାକାରେ ଆଦିବାସୀଙ୍କ ସେବାରେ ଲାଗିଥିବା ଚମ୍ପେଶ୍ୱରଙ୍କୁ ସହଯୋଗ କରୁଛନ୍ତି ଏମବିଏ ପଢୁଆ ପତ୍ନୀ ଅନୁଜା ମିଶ୍ର। ଚମ୍ପେଶ୍ୱରଙ୍କ ଏହି ନିଃସ୍ୱାର୍ଥପର ସେବା ବଣ୍ଡା ଜନଜାତିଙ୍କ ପାଇଁ ଭଗବାନଙ୍କ ଆଶୀର୍ବାଦଠାରୁ କମ୍ ନୁହେଁ ବୋଲି ଲୋକେ କହିବା ସହ ତାଙ୍କର ବେଶ୍ ପ୍ରଶଂସା କରିଛନ୍ତି।



# ‘ଆମ ଓଡ଼ିଶା-ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଦୁର୍ଗୀ,୧୨।୨(ସମିସ)**

ବିଷମ କଟକ ବ୍ଲକ୍ ଡୁମୁରୁନେଲି ପରିସରରେ ଥିବା ପଡ଼ିଆରେ ଡୁମୁରୁନେଲି ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ସମ୍ମାନିତ ଅତିଥି ରୂପେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିପିଏମ୍ ମନୀଷା, ଡୁମୁରୁନେଲି ସରପଞ୍ଚ ବିଶ୍ୱନାଥ ଉର୍ଲକା, ଦୁର୍ଗୀ ପଞ୍ଚାୟତର ସରପଞ୍ଚ ବିଜୟ କୁମୁରୁକା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦୁର୍ଗୀ ପଞ୍ଚାୟତର ଜିଆରଏସ୍ ଉମାଶଙ୍କର ରହ୍ମାଲୁ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ପଞ୍ଚାୟତ ତରଫରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଶ୍ରୀ ଦାସ ମଞ୍ଚରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ



ସେନେଇ ବକ୍ତବ୍ୟ ରଖିବା ସହ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମର ଭିତ୍ତିଭୂମି ବିକାଶ ଆମ ଓଡ଼ିଶା ନବୀନ ଓଡ଼ିଶାର ମୁଖ୍ୟ ଉଦ୍ଦେଶ୍ୟ, ଧର୍ମସ୍ଥଳୀଗୁଡ଼ିକର ରୂପାନ୍ତରଣ, ବ୍ୟାଙ୍କିଙ୍ଗ ସେବା, ମିଶନ ଶକ୍ତିର ସଶକ୍ତୀକରଣ, ଏହିଦ୍ୱ ସ୍ଥଳୀର ବିକାଶ ସହିତ କ୍ରୀଡ଼ା ଓ ଶିକ୍ଷାର ବିକାଶରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଉଲ୍ଲେଖନୀୟ ସେବା ଯୋଗାଇଛି ବୋଲି କହିଥିଲେ। ପରଦା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାରପ୍ରସାର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ତରଫରୁ ଦେଶାତ୍ମବୋଧ ନୃତ୍ୟନାଟିକା, ଶାସ୍ତ୍ରୀୟ ଲୋକନୃତ୍ୟ, ଆଦିବାସୀ ନାଚ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ତରଫରୁ ସମସ୍ତ ଅତିଥି, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ବ୍ଲକର ଯନ୍ତ୍ରୀ, ବିଭିନ୍ନ ପଞ୍ଚାୟତର ପିଇଓ, ଜିଆରଏସ୍, ମିଶନ ଶକ୍ତିର ସଦସ୍ୟା, ଓଏଲଏମର ସିଆରପି, ଏମବିକେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ, ମହିଳା ସମନ୍ୱିତ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ଦ୍ୱାରା ପିଠା, ମୁଢ଼ି, ଖଜା, ଷ୍ଟ୍ରବେରୀ ଫଳ ଲାଗିଥିବା ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଆରଏସ୍ ବାବୁଲା ସାହୁକାର ସହ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବସ୍ ଧକ୍କାରେ ବୃଦ୍ଧ ଗୁରୁତର

**ଉମରକୋଟ,୧୨।୨(ସମିସ):** ଘରୋଇ ବସ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟଠାରୁ ନବରଙ୍ଗପୁର ଯିବା ରାସ୍ତାର ପୂଜାରୀଗୁଡ଼ା ଛକରେ। ବୃଦ୍ଧ ଜଣକ ହେଲେ ପୂଜାରୀଗୁଡ଼ା ଗ୍ରାମର ନରସିଂହ ହରିଜନ (୭୦)। ନରସିଂହ ରାସ୍ତା ପାର୍ ହେଉଥିବା ସମୟରେ ବସଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡ଼ରେ ଛିଟିକି ପଡ଼ିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ନରସିଂହଙ୍କ ମୁଣ୍ଡ, ଗୋଡ଼ ଓ ଅଣ୍ଟାରେ ଆଘାତ ଲାଗିଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସକୁ ଥାନାରେ ଅଟକ ରଖିଛି।

# ଝରିଗୁମ୍ମା ସଦର ପଞ୍ଚାୟତରେ ବିଜେପିର କର୍ମୀ ସମ୍ମିଳନୀ

**ତେନ୍ତୁଳିଖୁଣ୍ଟି,୧୨।୨(ସମିସ):** ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ବ୍ଲକ୍ ଝରିଗୁମ୍ମା ସଦର ପଞ୍ଚାୟତରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝରିଗୁମ୍ମା ଏବଂ ବିରୀଗୁଡ଼ା ଗ୍ରାମର ଶତାଧିକ କର୍ମୀ ବିଜେପିରେ ସାମିଲ୍ ହୋଇଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମଳରେ ହୋଇଥିବା ଦେଶର ବିକାଶ ତଥା ଲୋକଙ୍କ ଆର୍ଥିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। ଏହି ପରିପ୍ରେକ୍ଷୀରେ କେତେକ କର୍ମୀ ବିଜେପିରେ ସାମିଲ ହୋଇଥିବା ସୂଚନା ମିଳିଛି। ନୂଆ କରି ବିଜେପିରେ ଯୋଗଦେଇଥିବା ସମସ୍ତଙ୍କୁ ଗୌରୀ ଶଙ୍କର ମାଝୀ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ଼, ଅଚ୍ୟୁତାନନ୍ଦ ବିଷୋୟୀ, ଶୁଭେନ୍ଦୁ ସାମନ୍ତରାୟ, ଅଭିମନ୍ୟୁ ହରିଜନ, ରାଜେନ୍ଦ୍ର ମହାପାତ୍ର, ଧବଲୁ ମାଝି, ସୁଧିର ବିଷୋୟୀ, କେତନ ନାୟକ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ପାଳିତ



**କୋରାପୁଟ,୧୨।୨(ସମିସ):** ସ୍ଥାନୀୟ ମାଳିସାହି ସ୍ଥିତ ସତସଙ୍ଗ ବିହାରଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ସତସଙ୍ଗ ପରିବାର ତରଫରୁ ୧୬ତମ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ସତସଙ୍ଗ ପରିବାରର ସମ୍ପାଦକ ଜଗନ୍ନାଥ ଖଟୁଆଙ୍କ ପରିଚାଳନାରେ ପ୍ରଥମେ ଉଷାକୀର୍ତ୍ତ, ସକାଳ ପ୍ରାର୍ଥନା ପରେ ସଂକୀର୍ତ୍ତନ ସହ ଠାକୁର ଅନୁକୂଳଚନ୍ଦ୍ରଙ୍କ ରଥ ସହର ପରିକ୍ରମା କରିଥିଲା। ପରେ ସତସଙ୍ଗ, ସଦାଲୋଚନ ଏବଂ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ପ୍ରାର୍ଥନା ସମେତ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ମଧ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା। ଏଥିରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ବସନ୍ତ ପଣ୍ଡା ପ୍ରମୁଖଙ୍କ ସମେତ କୋରାପୁଟ ସତସଙ୍ଗ କେନ୍ଦ୍ରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୫ ମାସ ହେଲା ଆହାର କେନ୍ଦ୍ରରେ ତାଲା

**ବୋରିଗୁମ୍ମା,୧୨।୨(ସମିସ):** ବୋରିଗୁମ୍ମା ବ୍ଲକ୍ ସଦରରେ ଥିବା ଆହାର କେନ୍ଦ୍ରରେ ଦୀର୍ଘ ୫ ମାସ ହେଲା ତାଲା ଝୁଲୁଛି। ଯାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଆହାର କେନ୍ଦ୍ରଟି ୨୦୨୨ ସେପ୍ଟେମ୍ବର ୨୬ରେ ଆରମ୍ଭ ହୋଇଥିଲା। ତାରାତାରିଣୀ ଏସ୍ଏଚଜି ଏହାକୁ ପରିଚାଳନା କରୁଥିଲେ। ଦୈନିକ ୨୦୦ ଜଣଙ୍କୁ ମାତ୍ର ୫ ଟଙ୍କାରେ



ଏମାନେ ଭୋଜନ ଦେଉଥିଲେ। ଏମାନଙ୍କୁ ୬ ମାସର ପାଖାପାଖି ୭ଲକ୍ଷ ଟଙ୍କା ପ୍ରଶାସନ ଦେଇନାହିଁ। ଫଳରେ ବାଧ୍ୟ ହୋଇ ଏହି ଗ୍ରୁପର ମହିଳାମାନେ ଗତ ଅକ୍ଟୋବର ମାସଠାରୁ ଆହାର କେନ୍ଦ୍ର ବନ୍ଦ କରି ଦେଇଛନ୍ତି। ଆହାର କେନ୍ଦ୍ର ବନ୍ଦ କାରଣରୁ ଅନେକ ଗରିବ ରୋଗୀ ଏବଂ ଦିନ ମଜୁରିଆମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହାର କେନ୍ଦ୍ରକୁ ପୁଣି କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଅସୀମାଙ୍କ ଗୀତରେ ଝୁମିଲେ ଛାତ୍ରଛାତ୍ରୀ ଓ ଦର୍ଶକ

**ଗୁଣୁପୁର,୧୨।୨(ସମିସ):** ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଚାଲିଥିବା ତିନିଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ ‘ସୃଜନ-୨.୦’ର ଦ୍ୱିତୀୟ ରଜନୀରେ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଛାତ୍ରଛାତ୍ରୀ ଓ ଦର୍ଶକ। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ କର୍ଣ୍ଣାଟକସ୍ଥିତ ବାଙ୍ଗାଲୁରୁ କେବଝିମିନିର ନିର୍ଦ୍ଦେଶକ ରୁଦ୍ରପ୍ରସାଦ ତ୍ରିପାଠୀ ଓ ଫରିଯିବାଦସ୍ଥିତ ଜେବିଏମ ଗ୍ରୁପର ସହଯୋଗୀ ଉପ ସଭାପତି ରାଜୀବ ଶର୍ମା ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଅତିରିକ୍ତ ପାଠ୍ୟକ୍ରମରେ ସକ୍ରିୟ ହେବ ପାଇଁ କହିଥିଲେ। ସ୍କୁଲ ଅଫ ଇଞ୍ଜିନିୟରିଂ ଡିନ ଡ. ଏବି ଶ୍ରୀନିବାସ ରାଓ ମଞ୍ଚାସୀନ ଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ. ସଞ୍ଜୟ କୁମାର କୁଅଁର ସ୍ୱାଗତ




ଭାଷଣ ଦେଇଥିବା ବେଳେ ସହ ଆବାହକ ଡ. ରାଧାକୃଷ୍ଣ ପାଢ଼ୀ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ବିଜେତାମାନଙ୍କୁ ମାନପତ୍ର ସହ ପଦକ ପ୍ରଦାନ କରାଯାଇଥିଲା। ପରିଶେଷରେ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ.ଏନଭି ଜଗନ୍ନାଧା ରାଓ ପ୍ରମୁଖ ଉପଢ୍ଢୌକନ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଅଞ୍ଚଳର ଲୋକମାନଙ୍କ ଭିଡ଼ ଜମିଥିଲା।

# ପିଡିଏସ୍ ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ

**ନନ୍ଦପୁର,୧୨।୨(ସମିସ):** ପିଡିଏସ୍ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଝୋଟ ତିଆରି ବ୍ୟାଗ୍ ବଣ୍ଟନ କରାଯାଇଛି। କାର୍ଡ ପିଛା ଦୁଇଟି ଲେଖାଏଁ ବ୍ୟାଗ୍ ପ୍ରଦାନ କରାଯାଇଛି। ଗୋଟିଏ ଚାଉଳ ପାଇଁ ଓ ଗୋଟିଏ ମାଣ୍ଡିଆ ପାଇଁ ହିତାଧିକାରୀଙ୍କୁ ରାଜ୍ୟ ସରକାର ବ୍ୟାଗ୍ ପ୍ରଦାନ କରିଛନ୍ତି। ବ୍ୟାଗ୍ ପାଇବା ପରେ ଖୁସିବ୍ୟକ୍ତ କରିଛନ୍ତି ଖାଉଟି। ଅଖା ଓ ଜରି ବ୍ୟାଗ୍ ନେଇ ଖାଉଟି କେନ୍ଦ୍ର ବା ପଞ୍ଚାୟତ ଅଫିସକୁ ପିଡିଏସ୍ ସାମଗ୍ରୀ ପାଇଁ ଯାଉଥିବାବେଳେ ରାଜ୍ୟ ସରକାର ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ନିମନ୍ତେ ଝୋଟ ତିଆରି ବ୍ୟାଗ୍ ବଣ୍ଟନ କରିଛନ୍ତି। ବ୍ୟାଗ୍ ପାଇ ଖାଉଟି ମଧ୍ୟ ଖୁସି ପ୍ରକାଶ କରିବା ସହ ଝୋଟ ତିଆରି ବ୍ୟାଗ୍ ପାଇ ଖୁସିରେ କାନ୍ଧ ଓ ହାତରେ ଝୁଲାଇ ଝୁଲାଇ ଘରକୁ ଯାଉଥିବା ଦେଖିବାକୁ ମିଳିଛି।



# ବୁଢ଼ାଚାଉଁରିଆ ମନ୍ଦିର ପ୍ରତିଷ୍ଠା



**ପାପଡ଼ାହାଣ୍ଡି,୧୨।୨(ସମିସ):**

ସୋମବାର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ସଦର ପଞ୍ଚାୟତ ଅନ୍ତର୍ଗତ ଡକରାଗୁଡ଼ା ଗ୍ରାମଠାରେ ବୁଢ଼ାଚାଉଁରିଆ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଯୋଗଦେଇଥିଲେ। ପୁରୋହିତ ପ୍ରକାଶ ଚନ୍ଦ୍ର ନନ୍ଦଙ୍କ ପୌରୋହିତ୍ୟରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିଲା। ବୁଢ଼ାଚାଉଁରିଆ ମନ୍ଦିର ସଭାପତି ସଦାଶିବ ନାୟକ, ସମ୍ପାଦକ ରାମ ଚନ୍ଦ୍ର ମାଝୀ, ରାମନାଥ ନାୟକ, ଜଗନ୍ନାଥ ଭତରା, ବୁଦୁରାମ ଭତରା, ଡମୁନାଥ ମାଝୀ, କୃଷ୍ଣ ଅମନାତ୍ୟ, ଦୈତାରୀ ଚଲାଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଢ଼ାଚାଉଁରିଆ ମନ୍ଦିର ଆଖପାଖ ୧୩ ଖଣ୍ଡ ଗ୍ରାମର ଆରାଧ୍ୟ ଦେବତା ଅଟନ୍ତି। ପାପଡ଼ାହାଣ୍ଡି, ଘାଟଗୁଡ଼ା, ଛତ୍ରବର, ଶିରିସୀ, ମୋକିୟା, ଡାଲଛାପର, ଏକରି, ବଣ୍ଡୁଆଗୁଡ଼ା, ତଣ୍ଡାଗୁଡ଼ା, ସୋରିଶପଦର, ଡକରାଗୁଡ଼ା ଏବଂ ନୂଆକୋଟ ଗ୍ରାମର ଲୋକେ ଯୋଗଦେଇ ଆରାଧ୍ୟ ଦେବତାଙ୍କ ନୂତନ ମନ୍ଦିର ପ୍ରତିଷ୍ଠାରେ ସାମିଲ ହୋଇ ମନ୍ଦିର କମିଟିକୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ପାପଡ଼ାହାଣ୍ଡି ପଞ୍ଚାୟତର ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ୱାର୍ଡ ସଭ୍ୟ ଗଙ୍ଗାଧର ନାୟକ, ଦୟାନିଧି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଚୈତ୍ର ମାସରେ ବୁଢ଼ାଚାଉଁରିଆଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି।

# ଷ୍ଟ୍ରବେରୀ ଚାଷ ପରିଦର୍ଶନ କଲେ ଜିଲ୍ଲାପାଳ

**ରାମନାଗୁଡ଼ା,୧୨।୨(ସମିସ):**

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତିରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସରିବା ପରେ ରାୟଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ହୋଇଥିବା ଷ୍ଟ୍ରବେରୀ ଚାଷ ପରିଦର୍ଶନ କରିଥିଲେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ। ଏହି ଅବସରରେ ସେ ରାମନାଗୁଡ଼ାର ପାଲୁପାଇଠାରେ ହୋଇଥିବା ଷ୍ଟ୍ରବେରୀ ଚାଷ କ୍ଷେତକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଏହି ଚାଷ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏଥି ସହ ରାମନାଗୁଡ଼ା ଷ୍ଟ୍ରବେରୀର ବଜାରୀକରଣ କିଭଳି ବ୍ୟବସ୍ଥିତ ଢଙ୍ଗରେ ହୋଇପାରିବ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଏହି ଷ୍ଟ୍ରବେରୀ ଚାଷ ସଫଳତାର ସହ ହୋଇଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ଲକ୍ ପ୍ରଶାସନ, ଓଡ଼ିଶା ଜୀବିକା ମିଶନ ଓ ଉଦ୍ୟାନ ବିଭାଗର କାର୍ଯ୍ୟଶୈଳୀକୁ ଖୁବ୍ ପ୍ରଶଂସା କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ପ୍ରକଳ୍ପ ପ୍ରଶାସିକା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଶାନ୍ତିପ୍ରଭା ପ୍ରଧାନ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ବିପିଏମ୍ ଯସ୍ମିନ ମୁଟିକା, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୁଣୁପୁର ଜଗନ୍ନାଥ ବିନ୍ଧାଣି, ସରପଞ୍ଚ ଭାସ୍କର କାଡ୍ରାକା, ପିଇଓ ରମାକାନ୍ତ ମାଣ୍ଡାଙ୍ଗି, ଜିଆରଏସ୍ ପ୍ରଦୀପ ବେହେରା, ଉଦ୍ୟାନ ବିଭାଗର ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ରାମନାଗୁଡ଼ା,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି ସଦଭାବନା ସଭାଗୃହଠାରେ ରାୟଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ହରିଶ ବିସି ଉପସ୍ଥିତ ରହି ମୋଟ ୬୦ଟି ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୬୦ଟି ଅଭିଯୋଗ ମଧ୍ୟରୁ ୪୩ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଅଭିଯୋଗ ଦାଖଲ ହୋଇଥିଲା। ଦୁଇଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା, ଜଣଙ୍କୁ ରେଡକ୍ରସରୁ ୧୦ ହଜାର ଟଙ୍କା ଚିକିତ୍ସା ବାବଦକୁ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ବିଶେଷ କରି ରାସ୍ତା, ବିଦ୍ୟୁତ, ବିଜୁ ପକ୍କାଘର, ପାନୀୟଜଳ, ଧାନମଣ୍ଡି ପରିଚାଳନା, ପିଲାମାନଙ୍କୁ ବିଦ୍ୟାଳୟ ଓ ହଷ୍ଟେଲରେ ଦାଖଲ ନିମନ୍ତେ ଦରଖାସ୍ତଗୁଡ଼ିକ ଦାଖଲ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲାଲ ମୋହନ ରାଉତରାୟ, ଗୁଣୁପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଦୀପ୍ତିମୟୀ ପାତ୍ର, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ସମାଜ କଲ୍ୟାଣ ଅଧିକାରୀ କମାକ୍ଷୀ ପାଢ଼ୀ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂତି ଭୂଷଣ ବିଶ୍ୱାଳ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଯାଦବ ସନ୍ତୋଷ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ସ୍ୱାଇଁ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବିପିଏମ ଯସ୍ମିନ ମୁଟିକା ଓ ବ୍ଲକ୍ କର୍ମଚାରୀ ଶିବିର ପରିଚାଳନା କରିଥିଲେ।

# ୧୯୮୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ଜୟପୁର,୧୨।୨(ସମିସ):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୯ ମାଟ୍ରିକ ବ୍ୟାଚର ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ତେଲିଗୁଡ଼ା ସ୍ଥିତ ଏକ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୫ ବର୍ଷରେ ପରେ ସ୍ଥାନୀୟ, ବାହାର ରାଜ୍ୟ ଏବଂ ବିଦେଶରେ ରହୁଥିବା ୧୯୮୯ ବ୍ୟାଚର ଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆନନ୍ଦ ଓ ଉଲ୍ଲାସରେ ପାଳନ ହୋଇଥିଲା। ଏହି ଅବସରେର ଛାତ୍ର ଜୀବନର ସ୍ମୃତିକୁ ସମସ୍ତେ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ଯଦି କେବେ କେଉଁ ସାଙ୍ଗର ଜୀବନରେ କିଛି ଅସୁବିଧା ହୁଏ ତେବେ ସମସ୍ତେ ମିଳିମିଶି ମନୋବଳ ବଢ଼ାଇ ସହଯୋଗର ହାତ ବଢ଼ାଇବା ପାଇଁ ସଂକଳ୍ପ ନେଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପୂର୍ବତନ ଛାତ୍ର ଶିଶୁରଞ୍ଜନ ପାତ୍ର (ଗାଟୁ), ଅଶୋକ ସିଂ ଲାଲ, ଅଶୋକ ସାହୁ, ପି. ସୁନୀଲ, କିଶୋର ଚୌଧୁରୀ, ଶ୍ରୀନିବାସ ରାଓ, ନିଲୁ ମହାପାତ୍ରଙ୍କ ଉଦ୍ୟମରେ ଦୀର୍ଘ ୩୫ ବର୍ଷ ପରେ ସମସ୍ତ ବନ୍ଧୁଙ୍କୁ ଏକଜୁଟ କରିବାରେ ସହାୟତା ହୋଇଥିଲା ବୋଲି ଉପସ୍ଥିତ ବନ୍ଧୁମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚୌଧୁରୀ, ମହେନ୍ଦ୍ର ଅଧିକାରୀ, ସାଇ ଯୋଗେନ୍ଦ୍ର, ଦେବେନ୍ଦ୍ର ମହାକୁଡ଼ ପ୍ରମୁଖ ସୁମଧୁର ସଂଗୀତ ପରିବେଷଣ କରିଥିଲେ। ଚଳିତ ବର୍ଷ ଡିସେମ୍ବର ମାସରେ ସୁନାବେଡ଼ାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।



ଏଟିଏମ୍ ସ୍ଥାପନ ଆଳରେ ଠକେଇ ଘଟଣା

# ପଶ୍ଚିମବଙ୍ଗରୁ ଠକ ଗିରଫ; ୨ ଲକ୍ଷ ଟଙ୍କା ଜବତ



**କୋରାପୁଟ,୧୨।୨(ସମିସ):** କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ହିଟାଚି କମ୍ପାନୀ ଏଟିଏମ ସ୍ଥାପନା କରାଇବା ପ୍ରଲୋଭନ ଦେଖାଇ ଲକ୍ଷଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ କୋରାପୁଟ ସାଇବର୍ ଥାନା ପୁଲିସ ପଶ୍ଚିମବଙ୍ଗରୁ ଜଣକୁ ଗିରଫ କରି ତା ନିକଟରୁ ୨ ଲକ୍ଷ ଟଙ୍କା ଜବତ କରିଥିବା ଆଇପିଏସ ପ୍ରବେଶନାରି ପାର୍ଥ ଜଗଦୀଶ କାଶ୍ୟପ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ନନ୍ଦିଗ୍ରାମ କଦମବାଡ଼ିର ମଳୟ ମାଇତି (୩୫) ବୋଲି ଜଣାପଡ଼ିଛି। ସାଇବର ଥାନା ଅଧିକାରୀ ଇନ୍ସପେକ୍ଟର ଭବାନୀ ପ୍ରଧାନଙ୍କ ଉପସ୍ଥିତିରେ ଶ୍ରୀ କାଶ୍ୟପ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତ ଏକ ଦୈନିକ ଓଡ଼ିଆ ଖବର କାଗଜରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ହିଟାଚି କମ୍ପାନୀର ଏଟିଏମ ସ୍ଥାପନ କରାଯିବାକୁ ଥିବାବେଳେ ସେଥି ସକାଶେ ସର୍ଭେ ୱାର୍କସ୍ ଆବଶ୍ୟକ ଥିବା ବିଜ୍ଞାପନ ଦେଇଥିଲା। ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ସମ୍ପର୍କ ଯୋଡ଼ି ଲୁଟିବା ଅଭିଯୁକ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଜ୍ଞାପନ ମୁତାବକ ବୋରିଗୁମ୍ମାର ମାନସୀ ମିଶ୍ର ଚାକିରୀ ପାଇଁ ଆବେଦନ କରି ମୋବାଇଲ ଫୋନରେ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସେ ମାନସୀ ମିଶ୍ରଙ୍କୁ ଜାଲ୍ ନିଯୁକ୍ତି ପତ୍ର ମେଲ୍ ଯୋଗେ ପଠାଇଥିଲା। ଏଟିଏମ ସ୍ଥାପନା ନିମନ୍ତେ ସର୍ଭେ କରି ସ୍ଥାନ ଚୟନ କରିବା ଓ ଘର ମାଲିକଠାରୁ ଅମାନତ ରାଶି ହିସାବରେ କିଛି ଟଙ୍କା ଆଣିବାକୁ କହିଥିଲା। ଏଥିରେ ବିଶ୍ୱାସ କରି ମାନସୀ ସ୍ଥାନୀୟ ଅଞ୍ଚଳରେ ସର୍ଭେ କରି କେତେକ ସ୍ଥାନ ଚୟନ କରିବା ପରେ ଘର ମାଲିକଙ୍କଠାରୁ ଅର୍ଥ ଆଦାୟ କରି ଅଭିଯୁକ୍ତ ନିକଟକୁ ଫୋନ୍-ପେ ଜରିଆରେ ପ୍ରାୟ ୨ ଲକ୍ଷ ଟଙ୍କା ପଠାଇଥିଲେ। ଦୀର୍ଘ ଦିନ ଯାଏଁ ଏଟିଏମ ନ ବସିବାରୁ ସେ ଠକାମୀର ଶିକାର ହୋଇଥିବା ଜାଣିପାରି ୨୦୨୩ ଡିସେମ୍ବର ୨୭ତାରିଖରେ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏସପି ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ କୋରାପୁଟ ସାଇବର ଥାନାରେ ଆଇପିସି ୪୧୯/୪୨୦/୩୪ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ତଦନ୍ତ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତର ମୋବାଇଲ ଫୋନ ଟ୍ରାକ୍ କରି ଥାନା ଅଧିକାରୀ ଭବାନୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ପଶ୍ଚିମବଙ୍ଗର ମଳୟର ଗାଁକୁ ଯାଇ ଗିରଫ କରିଥିଲେ। ତା ନିକଟରୁ ନଗଦ ଦୁଇ ଲକ୍ଷ ଟଙ୍କା ସହ ୩ଟି ମୋବାଇଲ ଫୋନ୍ ଏବଂ ଠକାମୀର ଶିକାର ହୋଇଥିବା ବ୍ୟକ୍ତି ବିଶେଷଙ୍କ ନାମ ଓ ଯୋଗାଯୋଗ ନମ୍ବର ଲେଖା ହୋଇଥିବା ଏକ କାଗଜ ଜବତ କରାଯାଇଥିଲା। ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ବିସ୍ତୃତ ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି। ଆଇପିଏସ ପାର୍ଥ ଜଗଦୀଶ କାଶ୍ୟପ ସୂଚନା ଦେବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଜାତୀୟ ସାଂସ୍କୃତିକ ମହୋତ୍ସବରେ 'ପାପ' ଅଧ୍ୟକ୍ଷ ସମ୍ବର୍ଦ୍ଧିତ

# ଆନ୍ଧ୍ରମାଟିରେ ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କଲେ ସମାଜସେବୀ ପ୍ରଭାକର



**କୋରାପୁଟ,୧୨।୨(ସମିସ):** ଆଦିବାସୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ 'ରେଲା ପାଣ୍ଡୁମ' ନାମକ ଜାତୀୟସ୍ତରର ସାଂସ୍କୃତିକ ମହୋତ୍ସବ ଆନ୍ଧ୍ରପ୍ରଦେଶର ଆଲ୍ଲୁରି ସୀତାରାମା ରାଜୁ ଜିଲ୍ଲା ଚିନ୍ତୁରୁ ମଣ୍ଡଳରେ ଆୟୋଜିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଉଦଯାପନୀ ସମାରୋହରେ ପିପୁଲ ଏଗେନେଷ୍ଟ ପୋଲାଭରମ ପ୍ରୋଜେକ୍ଟ (ପାପ) ସଂଗଠନର ଜାତୀୟ କମିଟି ଅଧ୍ୟକ୍ଷ ପ୍ରଭାକର ହନ୍ତାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଶ୍ରୀ ହନ୍ତାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଆନ୍ଧ୍ରରେ ନିର୍ମାଣାଧୀନ ବିବାଦୀୟ ଇନ୍ଦିରା ସାଗର ପୋଲାଭରମ ପ୍ରକଳ୍ପକୁ ବିରୋଧ କରିବାକୁ ଉପସ୍ଥିତ ହଜାର ହଜାର ଜନତାଙ୍କୁ ଶ୍ରୀ ହନ୍ତାଳ ଆହ୍ୱାନ କରି ରାଜ୍ୟ ସରକାର ଆଦିବାସୀଙ୍କ ହିତ ପାଇଁ ଉକ୍ତ ପ୍ରକଳ୍ପକୁ ବିରୋଧ ଜାରି ରଖିଥିବା ସେ ବକ୍ତବ୍ୟ ରଖିଥିଲେ। ଉକ୍ତ ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଅଂଶଗ୍ରହଣ କରି ସେମାନଙ୍କ ପାରମ୍ପରିକ କଳାନୃତ୍ୟ ପରିବେଷଣ କରିଥିଲେ। ପ୍ରକାଶଥାଉକି, ପୋଲାଭରମ ପ୍ରକଳ୍ପ ଦ୍ୱାରା ଆଦିବାସୀ ବିସ୍ଥାପିତ ହେବା ଦ୍ୱାରା ସେମାନଙ୍କ କଳା ଓ ସଂସ୍କୃତି ଲୋପ ପାଇବାକୁ ବସୁଛି। ଧନ ଓ ଜୀବନ ନଷ୍ଟ ହେବା ସହ ପରିବେଶ ଓ ଜୈବ ବିବିଧତା ନଷ୍ଟ ହେଉଛି। ତେଣୁ ବିନା ଜନଶୁଣାଣୀରେ ଆନ୍ଧ୍ର ସରକାର ନିର୍ମାଣ ଚାଲୁ ରଖିଥିବା ପୋଲାଭରମ ପ୍ରକଳ୍ପକୁ ଓଡ଼ିଶା ସମେତ ଆନ୍ଧ୍ର, ଛତିଶଗଡ଼ ଓ ତେଲେଙ୍ଗାନାରେ ପ୍ରକଳ୍ପ ବିରୋଧରେ ଜନସଚେତନତା ସୃଷ୍ଟି କରୁଥିବାରୁ ଆଦିବାସୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶ୍ରୀ ହନ୍ତାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ପଚିଶି ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ ଉଦଯାପନୀ ଦିବସରେ ସମ୍ବର୍ଦ୍ଧନା ସମୟରେ ସଂଗଠନର ସଭାପତି ସୁନ୍ନମ ଭେଙ୍କଟରମଣ, ସମ୍ପାଦକ ପୁଲି ବିରାୟା, ଲୋକସମ୍ପର୍କ ସମ୍ପାଦକ ସୋଡି ମୁରଲୀ, ସମାଜସେବୀ ଡ. ହାନିଫ, ମହିଳା ସମ୍ପାଦିକା ମିଡିଆମୀ ରାମୋଣାମ୍ମାଙ୍କ ସମେତ ବରିଷ୍ଠ ସଦସ୍ୟ ଦାରଲା ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

**ତେନ୍ତୁଳିଖୁଣ୍ଟି,୧୨।୨(ସମିସ):** ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ୍ ପରିସରରେ ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ତହସିଲଦାର ଅଶୋକ କୁମାର ମୁଦୁଲିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ଏଥିରେ ଆବାସ ଗୃହ, ଭତ୍ତା, ରାସ୍ତା, ଭୂମିହୀନ, ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ସେହିପରି '୫-ଟି' କାର୍ଯ୍ୟର ଏଯାବତ୍ ବିଲ୍ ପ୍ରାପ୍ୟ ହୋଇନଥିବା ସମ୍ବନ୍ଧରେ ଅଭିଯୋଗ ଆସିଥିଲା। ବିଶେଷକରି ତେନ୍ତୁଳିଖୁଣ୍ଟି



ସଦର ପଞ୍ଚାୟତରେ ଥିବା ପ୍ରସିଦ୍ଧ ଘୁମରେଶ୍ୱର ପର୍ଯ୍ୟଟନସ୍ଥଳୀ ନିକଟରୁ ବ୍ୟାପକ ମାତ୍ରାରେ ଜଙ୍ଗଲ ସଫେଇ ହେଉଛି। ଜଙ୍ଗଲ ମାଫିଆମାନେ ଜଙ୍ଗଲ ସଫା କରି ଚାଷ ଉପଯୋଗୀ ଭୂମି ପ୍ରସ୍ତୁତ କରୁଛନ୍ତି। ଯାହାକି ଆଉ କିଛି ବର୍ଷ ପରେ ତେନ୍ତୁଳିଖୁଣ୍ଟି ଜଙ୍ଗଲ ଶୂନ୍ୟ ହୋଇ ମରୁଭୂମି ପାଲଟିବା ନେଇ ଆଶଙ୍କା ଦେଖାଯାଉଛି। ଏଣୁ ଜଙ୍ଗଲ ସୁରକ୍ଷା ନେଇ ବଡ଼ ଅଭିଯୋଗ ହୋଇଛି। ତେବେ ଜିଲ୍ଲାପାଳ ଶ୍ରୀ ମିଶ୍ର ସମ୍ପୃକ୍ତ ବିଭାଗ ଦ୍ୱାରା ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସର୍ବମୋଟ ୩୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୨୩ ଏବଂ ସାମୂହିକ ୧୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩ଟି ଜନଶୁଣାଣିକୁ ସଙ୍ଗେସଙ୍ଗେ ସମାଧାନ କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମ ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ଦ୍ୱାରା ୭ ଜଣଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା।

# ଶିଶୁ ଅଧିକାର ସମ୍ପର୍କିତ ସମନ୍ୱୟ ବୈଠକ

**କୋରାପୁଟ,୧୨।୨(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୂଲ୍ୟରେ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ ଶିଶୁ ଅଧିକାର ସମ୍ପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକତା ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଶମନ୍ତପୁର ବ୍ଲକର ପି. ବେଡ଼ାପଦର, ଲୁଲ୍ଲା ଏବଂ ବୋରିଗୁମ୍ମା ବ୍ଲକର କାଠରଗଡ଼ା, ହରିଡ଼ାଗୁଡ଼ା ପଞ୍ଚାୟତରୁ ଶିଶୁ, ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ମେମ୍ବର, ମାତୃମଣ୍ଡଳ ସଭ୍ୟା ସହ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର, ଜିଲ୍ଲା ଶିଶୁ ଶ୍ରମିକ ବିଭାଗ ପକ୍ଷରୁ ଚିନ୍ମୟୀ କୁମାର ସାହୁ, ରାମେଶ୍ୱରୀ ହିକକା ଓ ଅନନ୍ତ କୁମାର ମୁଦୁଲି, ଓଡ଼ିଶା ଜୀବନ ଜୀବିକା ମିଶନର ପ୍ରିୟମ୍ବଦା ବିଶୋଇ, ଆଇସିଡିଏସ୍ ପକ୍ଷରୁ ସୁପରଭାଇଜର ଅକଳବତି ମୁସ୍କା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁମାନଙ୍କର ଅଧିକାରକୁ ନେଇ ରହିଥିବା ବିଭିନ୍ନ ଅସୁବିଧା ଯଥା ଶିଶୁ ଶ୍ରମିକ, ବାଲ୍ୟବିବାହ, ବିଦ୍ୟାଳୟ ପରିତ୍ୟକ୍ତା ଶିଶୁ କିପରି ମୁଖ୍ୟସ୍ରୋତକୁ ଆସିପାରିବେ ଏବଂ ସୁଚାରୁ ରୂପେ କିପରି ସେମାନଙ୍କର ଅଧିକାରକୁ ସମ୍ପାଦନ କରିବା ପାଇଁ ବିଭିନ୍ନ ଶିଶୁ କଲ୍ୟାଣ ବିଭାଗ ତରଫରୁ ଏବଂ ଅଞ୍ଚଳରେ ରହିଥିବା ସମସ୍ୟାକୁ ଅନୁଷ୍ଠାନ ସହ ବିଭିନ୍ନ ପଞ୍ଚାୟତସ୍ତରୀୟ କର୍ମୀ ଏବଂ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳକ ମାମିନା ବେହେରା, ଡମ୍ବରୁଧର ମସ୍ତି, ପୁଷ୍ପିତା ହିଆଲ, ବେଣୁଧରର ନାୟକ ଏବଂ ସ୍ୱେଚ୍ଛାସେବୀମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

■ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକଙ୍କ ଆନ୍ଦୋଳନ

# ପରୀକ୍ଷା ପରିଚାଳନାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଦ୍ୱନ୍ଦ୍ୱ

**ନାରାୟଣପାଟଣା,୧୨।୨(ସମିସ):**




ରାଜ୍ୟ ସଂଗଠନର ନିଷ୍ପତ୍ତି କ୍ରମେ ନାରାୟଣପାଟଣା ବ୍ଲକ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୈନିକ ଏକଘଣ୍ଟା କାର୍ଯ୍ୟବନ୍ଦ ସହ କଳାବ୍ୟାଜ ପିନ୍ଧି ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟ କରିବା ସହ ପ୍ରତିକାତ୍ମକ ଧାରଣା ଜାରି ରଖିଛନ୍ତି। ଯାହାଫଳରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଉଚ୍ଚ ମାଧ୍ୟମିକ ବାର୍ଷିକ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ପରିଚାଳନାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଦ୍ୱନ୍ଦ ଦେଖିବାକୁ ମିଳିଛି। ଏପରି ଆନ୍ଦୋଳନ ପରିସ୍ଥିତିରେ ଛାତ୍ରଛାତ୍ରୀ ଓ ଅଭିଭାବକ ମନରେ ପରୀକ୍ଷାର ପରିଚାଳନାକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଏଣୁ ସରକାର ପରୀକ୍ଷାର ଅବ୍ୟବହିତ ପୂର୍ବରୁ ଅଧ୍ୟାପକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଅନୁରୋଧ କରିଛନ୍ତି। ସୂଚନାନୁଯାୟୀ, ଅଧ୍ୟାପକ ଓ କର୍ମଚାରୀ ସଂଘର ୪ ଦଫା ଦାବି ନେଇ ଏକ ବର୍ଷ ହେବ ଭୁବନେଶ୍ୱରରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଗତ ୬ ତାରିଖ ସରକାରଙ୍କ ସହ ଆଲୋଚନା ପରେ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟର ୬୬୨ ବର୍ଗର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରତିଦିନ ଏକଘଣ୍ଟା କାର୍ଯ୍ୟବନ୍ଦ କରାଯାଉଛି। ପେନସନ୍ ପ୍ରଦାନ, ସମାନ କାର୍ଯ୍ୟକୁ ସମାନ ଦରମା, ସପ୍ତମ ବେତନ ପ୍ରଦାନ ଭଳି ଦାବି ପୂରଣ ନିମନ୍ତେ ଅଧ୍ୟାପକ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ନଗଲେ ଆନ୍ଦୋଳନକୁ ବ୍ୟାପକ କରାହେବ ବୋଲି ରାଜ୍ୟ ସଭାପତି ଗୋଲକ ନାୟକ କହିଛନ୍ତି।

# ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପାପଡ଼ାହାଣ୍ଡି,୧୨।୨(ସମିସ):** ପାପଡ଼ାହାଣ୍ଡି ବ୍ଲକ ପୋଣ୍ଡିକୋଟ ପଞ୍ଚାୟତ ଅନ୍ତର୍ଗତ ଲାଇବାନପଦର ଗ୍ରାମ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡ଼ା, ବିଭିନ୍ନ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖେମା ଗରଡ଼ା ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ବାର୍ଷିକ ଉତ୍ସବ ଆରମ୍ଭରୁ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରି ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଇବା ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ ରଖିଥିଲେ । ଖେଳ, ବକ୍ତୃତା ଓ ଗୀତରେ କୃତୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ସାମ୍ବାଦିକ ଏନ୍ ଜନାର୍ଦ୍ଦନ ରାଓ, ଗୌତମ ଅଗ୍ରୱାଲ ଏବଂ ପ୍ରବୀଣ ସତନାମୀଙ୍କୁ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଉପଢ଼ୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅନୁରୂପ ଭାବେ ଅପରାହ୍ନ ସରକାରୀ ଆଶ୍ରମ ବିଦ୍ୟାଳୟ ଦଳେଇଗୁଡ଼ାଠାରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳ ଦେବ ସାହୁ, ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା, ଏସ୍ଏସ୍ଡି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ଆଶ୍ରମ ବିଦ୍ୟାଳୟ ଧନସୁଲି ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ଚୌଧୁରୀ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଥିବା ଅତିଥିଙ୍କୁ ସଭାପତି ଶ୍ରୀ ନାୟକ ଉପଢ଼ୌକୋନ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀ ରନ୍ଧାରୀ ଆଗାମୀ ଦିନରେ ଏ ଅଞ୍ଚଳର ଯେକୌଣସି ଛାତ୍ରୀ ପାଇଲେଟ ହେବାକୁ ଚାହୁଁଛନ୍ତି ତାଙ୍କୁ ନିଜସ୍ୱ ଖର୍ଚ୍ଚରେ କରାଇବେ ବୋଲି କହିଥିଲେ। ବିଦ୍ୟାଳୟର ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରତିକାନ୍ତ ଦୁବେ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ସଭାପତି ଶ୍ରୀ ନାୟକ ଉପସ୍ଥିତ ଅତିଥି ଏବଂ ଅଭିଭାବକଙ୍କୁ ଧନ୍ୟବାଦ ଦେଇଥିଲେ।

# ଲାଇଫ୍‌ଲାଇନ୍ ସମବାୟ ସମିତିର ଜମାକାରୀ ଡିଆର୍‌ସିଏସ୍‌ଙ୍କ ଦ୍ୱାରସ୍ଥ



**ଜୟପୁର,୧୨।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଲାଇଫଲାଇନ ସମବାୟ ସମିତିର ଜମାକାରୀ ଗ୍ରାହକମାନେ ସେମାନଙ୍କ ଜମା ଟଙ୍କା ଫେରସ୍ତ କରିବା ନେଇ ସମବାୟ ବିଭାଗର ଡିଆରସିଏସଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମୁଦାୟ ୨୦୦ରୁ ୩୦୦ ଗ୍ରାହକ ଗତ ୧୦ ବର୍ଷ ହେଲାଣି ନିୟମିତ ଦୈନିକ ଜମାଖାତାରେ ଟଙ୍କା ପୈଠ କରିଥିଲେ। କିନ୍ତୁ ୨୦୨୩ରେ ସମବାୟ କାର୍ଯ୍ୟାଳୟକୁ ହଠାତ୍ ବନ୍ଦ କରାଯିବା ଯୋଗୁଁ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଥାନା ଏବଂ ସମବାୟ ବିଭାଗ ନିକଟରେ ଏନେଇ ଅଭିଯୋଗ ହୋଇଥିଲା। ସୋମବାର ଜୟପୁର ଡିଆରସିଏସ୍ ଭୀମସେନ ସାହୁ ଉକ୍ତ ସମବାୟ ସମିତିର ସମ୍ପାଦକ ବିଜୟ ତ୍ରିପାଠୀଙ୍କୁ କାର୍ଯ୍ୟାଳୟକୁ ଡାକି ଜମାକାରୀଙ୍କ ଟଙ୍କା ଫେରସ୍ତ ନେଇ ଆଲୋଚନା କରିଥିଲେ। କିନ୍ତୁ ଗତ ପରିଚାଳନା କମିଟି ସମୟରେ ଋଣ ଆକାରରେ କିଛି ସଦସ୍ୟ ଓ କର୍ମକର୍ତ୍ତା ଟଙ୍କା ନେଇଯାଇଥିବାବେଳେ ଆଦାୟ ହୋଇପାରି ନ ଥିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ଆଲୋଚନାବେଳେ ସମବାୟ ସମିତିର ସମ୍ପାଦକ ବିଜୟ ତ୍ରିପାଠୀ କହିଥିଲେ। ଜମାକାରୀମାନଙ୍କୁ ଜମା ଟଙ୍କା ତୁରନ୍ତ ଫେରସ୍ତ କରିବାକୁ ଡିଆରସିଏସ୍ ଶ୍ରୀ ସାହୁ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଆରସିଏସ୍ ଶ୍ରୀ ସାହୁ କହିଛନ୍ତି ଯେ ଜମାକାରୀଙ୍କ ଟଙ୍କା ଫେରସ୍ତ କରାନଗଲେ ଉକ୍ତ ସମବାୟ ସଂସ୍ଥା ବିରୋଧରେ ଅର୍ଥନୈତିକ ଅପରାଧ ଶାଖା ଏବଂ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ଲାଇଫଲାଇନ ସମବାୟ ସମିତିର ପ୍ରାୟ ୩୦୦ ଜଣ ସଦସ୍ୟ ରହିଥିବାବେଳେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା ରହିଥିବା ନେଇ ୫ ଲକ୍ଷ ଟଙ୍କା ଜମା କରିଥିବା ସଞ୍ଜୟ ରଥ ନାମକ ଜମାକାରୀ ଅଭିଯୋଗ କରିଛନ୍ତି। ଜମାକାରୀମାନେ ସେମାନଙ୍କ ଜମାଖାତା ଏବଂ ରସିଦ ସହିତ ଡିଆରସିଏସଙ୍କ ନିକଟରେ ଅଭିଯୋଗ କରିବାକୁ କହିଛନ୍ତି। ସୋମବାର ପ୍ରଥମ ଦିବସରେ ୯ଜଣ ସଦସ୍ୟଙ୍କ ପ୍ରାୟ ୧୨ରୁ ୧୩ ଲକ୍ଷ ଟଙ୍କା ଫେରସ୍ତ ପାଇବାକୁ ରହିଥିବା ନେଇ ଅଭିଯୋଗ କରିଛନ୍ତି।

# ନବନିଯୁକ୍ତ ଜିଲ୍ଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନବରଙ୍ଗପୁର,୧୨।୨(ସମିସ):** ସୋମବାର ନବରଙ୍ଗପୁର ସର୍କିଟହାଉସ ସମ୍ମୁଖ ପଡ଼ିଆ ପରିସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଜନସମ୍ପର୍କ ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ନବ ନିଯୁକ୍ତ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଚାମୁରିଆଗୁଡ଼ାରୁ ସର୍କିଟ ହାଉସ ସମ୍ମୁଖ ପଡ଼ିଆ ଯାଏଁ ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପଡ଼ିଆରେ ଜନସମ୍ପର୍କ ସମାବେଶ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ



ରାଜ୍ୟ ଏସିସେଲ ଉପ ସଭାପତି କ୍ଷେମରାଜ ବାଘ, ଜିଲ୍ଲାର ୪ ଟି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଯଥା ଦିଲ୍ଲୀପ ବେହେରା, ମେଘନାଥ ବିଷୋୟୀ, ବଂଶୀ ମାଝୀ, ମାର୍କଣ୍ଡ ସାହୁ ଏବଂ କଳାହାଣ୍ଡି ଲୋକସଭା ଦ୍ୱାରିକା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଯୁବନେତା ସଞ୍ଜୀବ ବିଷୋୟୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ପରିଷଦ ସଭ୍ୟା ଡ. ଲିପିକା ମାଝୀ, ଦିଲ୍ଲୀପ ପ୍ରଧାନୀ, ସନରାଜ ଗଣ୍ଡ, ମୁନ୍ନା ପାଢ଼ୀ, ବୃନ୍ଦାବନ ତ୍ରିପାଠୀ, ପ୍ରହଲ୍ଲାଦ ହିଆଲ, ଶ୍ରୀକାନ୍ତ ମିଶ୍ର, ପଦ୍ମସାଇ ମାଳି, ଶେଖ ଆକବର ହୁସେନ, ବାବୁଲି ବାଘ, ନରସିଂହ ଗୌଡ଼, ଗୀତାମଣି ସୋମରଥ, ପି ନଗରତ୍ନମ, ଉସୁନା ବାନୁ, ଭୀମ ପାଣିଗ୍ରାହୀ, ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗୋରଡ଼ା ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଓ ପିସିସି ସଭ୍ୟ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଜଳଯୋଗାଣ ବିଭାଗର ମନମୁଖି କାର୍ଯ୍ୟ; ସାଧାରଣରେ ଅସନ୍ତୋଷ

**କୋଷାଗୁମୁଡ଼ା,୧୨।୨(ସମିସ)**

ଗ୍ରାମ୍ୟ ଜଳଯୋଗାଣ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ଏବେ କୋଷାଗୁମୁଡ଼ା ବ୍ଲକ୍ ସନ୍ତୋଷପୁର ପଞ୍ଚାୟତସଦର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୦ ମାସ ତଳେ ଡ୍ରେନେଜର ଦୁର୍ଗନ୍ଧ ମଇଳା ପାନୀୟଜଳ ଯୋଗାଣକୁ ନେଇ ସନ୍ତୋଷପୁର ସଦର ପଞ୍ଚାୟତର ୭ ଓ ୫ ନମ୍ବରର ୱାର୍ଡବାସୀ ଅଭିଯୋଗ କରିଥିଲେ। ଏହାପରେ ତୁରନ୍ତ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ମରାମତି କରାଯାଇଥିଲା। ତେବେ ସେହି ସମୟରେ ମୁଖ୍ୟ ରାସ୍ତାକୁ ଖୋଳି ପାଣି ପାଇପ ବିଛା କାମ ସାରି କେବଳ ମାଟି ଘୋଡ଼ାଇ ଛାଡ଼ି ଦେଇଥିଲେ। ଯାହାଫଳରେ ପ୍ରତ୍ୟେକ ଦିନ ଶହ ଶହ ଯାନବାହାନର ଗମନାଗମନ ପରେ ସେହି ସ୍ଥାନରେ ପାଣି ରହି ଆଣ୍ଠୁଏ କାଦୁଅ ହେବା ସହ ରାସ୍ତାଟି ମରଣଯନ୍ତା ପାଲଟିଛି। ଅନ୍ୟପକ୍ଷରେ ସେହି ସ୍ଥାନରୁ ପୁଣିଥରେ ପାଣି ପାଇପ ଫାଟି ଦୂଷିତ ପାଣି ପାଇପ ଲାଇନରେ ମିଶୁଥିବା ଦେଖିବାକୁ ମିଳିଛି। ତେବେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଏଭଳି ବେପରୁଆ ଭବେ ପାଇପ୍ ମରାମତି କରି ମାଟି ଘୋଡ଼ାଇ ଛାଡ଼ିଦେବା କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ସେହି ଦୂଷିତ ପାଣି ୩, ୫ ଓ ୭ ନମ୍ବର ୱାର୍ଡର ପ୍ରାୟ ୨୦୦ ପରିବାର ପିଉଛନ୍ତି। ଗ୍ରାମ୍ୟ ଜଳଯୋଗାଣର ଷ୍ଟାଣ୍ଡ ପୋଷ୍ଟ ଦୀର୍ଘଦିନରୁ ଜେଏମସି ଠିକା ସଂସ୍ଥା ମନୋମୁଖୀ କାମ କରି ପାଇପ୍ ଲାଇନକୁ କାଟି ଛାଡ଼ି ଦେଇଥିବା ଯୋଗୁଁ ବର୍ତ୍ତମାନ ତାହା ଅଚଳ ହୋଇ ରହିଛି। ଗାଁର ମୁଖ୍ୟ ରାସ୍ତା କଡ଼ରେ ପାଣି ପାଇପରୁ ଏକ ଛୋଟ ପାତ୍ର ସାହାଯ୍ୟରେ ପାଣିକୁ ସାଉଁଟି ସାଉଁଟି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ, ପାନୀୟ, ଶୌଚରେ ବ୍ୟବହାର କରୁଥିବା ୭ ଓ ୫ ନମ୍ବର ୱାର୍ଡର ମହିଳାମାନେ କହିଛନ୍ତି। ଦୀର୍ଘଦିନରୁ ଏହି ଦୂଷିତ ପାଣିକୁ ପରିବାର ସହ ପିଉଥିବା ଯୋଗୁଁ ବେଳେବେଳେ ହଠାତ୍ ପରିବାର ସଦସ୍ୟ ପେଟବ୍ୟଥା, ଝାଡ଼ା ଭଳି ରୋଗରେ ପୀଡ଼ିତ ହେଉଛନ୍ତି। ଏଭଳି ଦୂଷିତ ପାଣି ପିଇ ଜଣ୍ଡିସ, ହଇଜା ଭଳି ମାରାତ୍ମକ ରୋଗରେ ପୀଡ଼ିତ ହେଲେ କ'ଣ ବିଭାଗୀୟ ଅଧିକାରୀ ଦାୟୀ ହେବେ କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ରାସ୍ତା ୮ଟି ପଞ୍ଚାୟତ ସହ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଜଗଦଲପୁରକୁ ସଂଯୋଗ କରୁଥିବାବେଳେ ବ୍ଲକ୍ ସଦର ମହକୁମାଠାରୁ କେବଳ ୧୫ଶହ ମିଟରରେ ଏହି ସନ୍ତୋଷପୁର ଗାଁ ରହିଛି। ଏହି ରାସ୍ତା ଦେଇ ବିଧାୟକ, ସାଂସଦ, ମନ୍ତ୍ରୀ, ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏହି ଫଟା ପାଣି ପାଇପରୁ ନିର୍ଗତ ଦୂଷିତ ପାଣି ରାସ୍ତାରେ ଜମି ଆଣ୍ଠୁଏ ଗଭୀର ଗର୍ତ୍ତ ହୋଇଥିଲେ ମଧ୍ୟ କେହି ଦୃଷ୍ଟି ନ ଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ମରାମତି ସହ ରାସ୍ତା ଉପର ଗର୍ତ୍ତକୁ କଂକ୍ରିଟ କରିବାକୁ ସ୍ଥାନୀୟ ବିଭାଗ ନିକଟରେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ତେଲ ଟ୍ୟାଙ୍କର ଦୁର୍ଘଟଣା; ଅଳ୍ପକେ ବର୍ତ୍ତିଲେ ଚାଳକ



**ମୁନିଗୁଡ଼ା,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ବନ୍ଧଗୁଡ଼ା ନିକଟ ରାଜରାସ୍ତା ଉପରେ ଏକ ତେଲ ଟ୍ୟାଙ୍କର ଦୁର୍ଘଟଣା ଘଟିଥିବାବେଳେ ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ଫଳରେ ରାୟଗଡ଼ା ଭବାନୀପାଟଣା ରାଜରାସ୍ତାରେ କିଛି ସମୟ ପାଇଁ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରାଙ୍କ ସମେତ କର୍ମଚାରୀମାନେ ପହଞ୍ଚିବା ସହ ଉକ୍ତ ଟ୍ୟାଙ୍କରକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ସମୟରେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରାଙ୍କ ସମେତ ଏଏସଆଇ ଉମାକାନ୍ତ ଶବର, ଏଏସଆଇ ପ୍ରଶାନ୍ତ ପାଢ଼ୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଝାରସୁଗୁଡ଼ାରୁ ବିଶାଖାପାଟଣା ଅଭିମୁଖେ ଏକ ତେଲ ଟ୍ୟାଙ୍କର ଯାଉଥିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

### ବାଇକ୍ ଚାଳକଙ୍କୁ ହତ୍ୟା ଘଟଣା; କ୍ଷତିପୂରଣ ସହ ହତ୍ୟାକାରୀକୁ ଗିରଫ ଦାବି

# ଶବରଖି ରାସ୍ତା ଅବରୋଧ କଲେ ପରିବାରବର୍ଗ ଓ ଗ୍ରାମବାସୀ

**ନନ୍ଦାହାଣ୍ଡି, ୧୨।୨(ସମିସ)**

ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ସୁନୀଲ ସୌରାକୁ ଗ୍ରାମବାସୀ ପିଟି ମାରିଦେବା ଘଟଣାକୁ ନେଇ ସୋମବାର ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧିଗୁଡ଼ା ପଞ୍ଚାୟତର ତୁରୁଞ୍ଜିଆଗୁଡ଼ା ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଚାଳକଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଓ ମୃତକଙ୍କ ପରିବାରବର୍ଗ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକ ଜଣକ ବାପା ଓ ମାଆ ଛେଉଣ୍ଡ ହୋଇଥିବାରୁ ଗ୍ରାମବାସୀମାନେ ସରକାରଙ୍କ ଦ୍ୱାରା କ୍ଷତିପୂରଣ ପ୍ରଦାନ ସହ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଫଳରେ ନବରଙ୍ଗପୁର ଜିଲ୍ଲା ସଦରମୁହକୁମାଠାରୁ ନନ୍ଦାହାଣ୍ଡି ବ୍ଲକ ଓ ତେନ୍ତୁଳିଖୁଣ୍ଟି ବ୍ଲକ ସଦରମୁହକୁମାକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ସଦର ପଞ୍ଚାୟତ ଗ୍ରାମର ସୁଶୀଳ ସୌରା ଓ ତାର ସାଙ୍ଗ କମଲୁ ସୌରା ବାଇକ୍ ଯୋଗେ ନବରଙ୍ଗପୁରରୁ ଘରକୁ ଫେରୁଥିବା ବେଳେ ତୁରୁଞ୍ଜିଆଗୁଡ଼ା ଗ୍ରାମ ନିକଟରେ ତାଙ୍କ ବାଇକ୍‌ଟି ୨ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ତୁରୁଞ୍ଜିଆଗୁଡ଼ା ଗ୍ରାମର କିଛି ଯୁବକ ଆସି ବାଇକ ଚାଳକ ସୁଶୀଲକୁ ପିଟିଥିଲେ। ପରେ କିଛି ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବା ଯୋଗୁଁ ତାଙ୍କୁ କୋରାପୁଟ, ବ୍ରହ୍ମପୁର ଓ ପରେ କଟକ ମେଡିକାଲକୁ ନିଆଯାଇଥିଲା। ରବିବାର କଟକ ମେଡିକାଲରେ ସୁଶୀଲଙ୍କ ମୃତ୍ୟୁ ହେବା ପରେ ସୋମବାର ଶବ ଗ୍ରାମରେ ପହଞ୍ଚିଥିଲା। ଶବ ପହଞ୍ଚିବା ପରେ ସିନ୍ଧିଗୁଡ଼ା ଗ୍ରାମବାସୀ ଓ ପରିବାରବର୍ଗ ଦୁର୍ଘଟଣା ଘଟିଥିବା ସ୍ଥାନ ତୁରଞ୍ଜିଆଗୁଡ଼ା ନିକଟରେ ଶବ ରଖି ରାସ୍ତାରୋକ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଜିଲ୍ଲା ମୁଖ୍ୟାଳୟକୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଙ୍କ ପରିବାର ବର୍ଗ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଦୀର୍ଘ ୩ରୁ ୪ ଘଣ୍ଟା ପରେ ଘଟଣାସ୍ଥଳରେ ନନ୍ଦାହାଣ୍ଡି ତହସିଲଦାର ପହଞ୍ଚି ରାସ୍ତାରୋକ୍ କରୁଥିବା ଲୋକଙ୍କ ସହିତ ଆଲୋଚନା କରି ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ଏବଂ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା।



## ଗଞ୍ଜେଇ ଚୋରା ଚାଲାଣବେଳେ ୫ ଗିରଫ



**● କନ୍ଧମାଳରୁ ମଧ୍ୟପ୍ରଦେଶକୁ ହେଉଥିଲା ଚାଲାଣ**

**ମୁନିଗୁଡ଼ା,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ପୁଲିସକୁ ମିଳିଛି ପୁଣି ସଫଳତା। ମଧ୍ୟପ୍ରଦେଶକୁ ୨୮ କିଲୋ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ସହ ୫ ଜଣକୁ ଗିରଫ କରିବାର ସଫଳ ହୋଇଛି ମୁନିଗୁଡ଼ା ପୁଲିସ। ସୂଚନାନୁଯାୟୀ, ମଧ୍ୟପ୍ରଦେଶର ୫ଜଣ ଗଞ୍ଜେଇ ମାଫିଆ କନ୍ଧମାଳରୁ ୨୮କିଲୋ ଗଞ୍ଜେଇ ବସରେ ଆଣି ଟ୍ରେନ୍ ଯୋଗେ ମଧ୍ୟପ୍ରଦେଶକୁ ଚୋରା ଚାଲାଣ କରିବା ଯୋଜନା କରୁଥିବା ବେଳେ ଧରାପଡ଼ିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ମଧ୍ୟପ୍ରଦେଶର ରାଜନେଶ ସିଂ, ପୁଷ୍ପେନ୍ଦ୍ର ସିଂ, ଭଟି ରଣଜିତ୍ ,ଏମ୍ ଆଲାଦିନ ଓ ସାଜି ମହମଦ ସୋହେଲ। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୮୦ ହଜାର ହୋଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ୫ ଜଣ ଗଞ୍ଜେଇ ମାଫିଆଙ୍କ ବିରୁଦ୍ଧରେ ମୁନିଗୁଡ଼ା ଥାନାରେ ଏକ ମାମଲା ରୁଜୁ ହେବା ସହ ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

## ନୂତନ ଅଗ୍ନିଶମ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**କଲ୍ୟାଣସିଂହପୁର,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା ଅଗ୍ନିଶମ ବିଭାଗରେ ଆଜି ନୂତନ ଅଧିକାରୀ ଭାବେ ଜଗଦୀଶ ପ୍ରସାଦ ଖରା ଯୋଗଦେଇଛନ୍ତି। ସେ ଗଞ୍ଜାମ ଜିଲ୍ଲା ଚିକିଟିରେ ଅଗ୍ନିସମ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ। ବର୍ତ୍ତମାନ ତାଙ୍କୁ କଲ୍ୟାଣସିଂହପୁର ଅଗ୍ନିଶମ ବିଭାଗ ଅଧିକାରୀ ଭାବରେ ବଦଳି କରାଯାଇଛି। ପୂର୍ବତନ ଅଧିକାରୀ ବଳରାମ ବେହେରାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଆତ୍ମହତ୍ୟା ଉଦ୍ୟମ କରି ନାବାଳିକା ଗୁରୁତର

**ବିଷମକଟକ,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଡ଼ାରି ଥାନା ଅନ୍ତର୍ଗତ କର୍ଲାଘାଟି ଗ୍ରାମର ଜଣେ ନାବାଳିକା ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନାନୁଯାୟୀ, ଗୁଡ଼ାରି ଥାନା ଅନ୍ତର୍ଗତ କର୍ଲାଘାଟି ପଞ୍ଚାୟତ ନାଉଳି ଗ୍ରାମର ଇଶ୍ୱର ମାମ୍ବାଳିକାଙ୍କ ନାବାଳିକା ଝିଅ ସୋମବାର ଅପରାହ୍ଣରେ ଘରେ କେହି ନ ଥିବା ବେଳେ ବେକରେ ଓଢ଼ଣି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେହି ସମୟରେ ନାବାଳିକାର ବାପା ଘରେ ପହଞ୍ଚି ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖିବା ସହ ତାକୁ ଉଦ୍ଧାର କରି ଗ୍ରାମବାସୀଙ୍କ ସହାୟତାରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ନାବାଳିକା ଏପରି ପଦକ୍ଷେପ ଗ୍ରହଣ କଲେ ଏବଂ କଣ ରହସ୍ୟ ରହିଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

**● କେବେ କାର୍ଯ୍ୟକ୍ଷମ ହେବ ପେଣ୍ଡିଲିରେ ମୋବାଇଲ ଟାୱାର**

## ଇଣ୍ଟରନେଟ୍ ସେବା ପାଇଁ ଯିବାକୁ ପଡୁଛି ୮ କିମି ଦୂର

**ଗୁଡ଼ାରୀ,୧୨।୨(ସମିସ):** ଗୁଡ଼ାରୀ ବ୍ଲକର ନଦୀ ଆରପଟେ ଥିବା ତିନିଟି ପଞ୍ଚାୟତରେ ମୋବାଇଲ ଇଣ୍ଟରନେଟ୍ ଦେଖିବାକୁ ମିଳୁନି। ପେଣ୍ଡିଲି ପଞ୍ଚାୟତରେ ବିଏସଏନ୍‌ଏଲ ଏବଂ ଜିଓ ନେଟୱର୍କ କାମ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ଇଣ୍ଟରନେଟ୍ ଅଭାବ ଯୋଗୁଁ ସେଠାକାର ଲୋକମାନେ ପ୍ରାୟ ୮ କିମି ଦୂର ବାଇନାଗୁଡ଼ା ଜନସେବା କେନ୍ଦ୍ରକୁ ଆସି ନିଜର ଟଙ୍କା ନେଣଦେଣ ତତ୍ ସହିତ ପିଲାମାନଙ୍କ ଅନଲାଇନ ଆବେଦନ ଏମିତି ଅନ୍ୟାନ୍ୟ କାମ କରିବାକୁ ସେଠାକୁ ଆସିବାକୁ ପଡୁଛି। ଏହି ଗ୍ରାମଗୁଡ଼ିକରେ ମୋବାଇଲ ନେଟୱର୍କ କାମ କରୁନଥିବାରୁ ୧୦୮ ଆମ୍ବୁଲାନ୍ସ ପାଇଁ ଫୋନ୍ କରିବା ହେଉ କି ପିଲାମାନଙ୍କ ଅନଲାଇନ୍ ପାଠପଢ଼ା, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ଉପରେ ମଧ୍ୟ ଆବଶ୍ୟକତାଠାରୁ ଅଧିକ ପ୍ରଭାବ ପଡୁଛି। ଏପରିକି ଗୁଡ଼ାରୀ ବ୍ଲକର ଏମିତି କିଛି ଗ୍ରାମାଞ୍ଚଳ ଅଛି, ଯେଉଁଠାରେ ମୋବାଇଲ ନେଟୱର୍କରୁ ସେମାନେ ବଞ୍ଚିତ। ଇଣ୍ଟରନେଟର ଅସୁବିଧା ଯୋଗୁଁ ସେଠାକାର ବାସିନ୍ଦାମାନଙ୍କୁ ପ୍ରତ୍ୟେକ ଦିନ ଗୁଡ଼ାରୀ ସହରକୁ ଆସିବାକୁ ପଡୁଛି। ଏଥି ମଧ୍ୟରେ ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୌଡ଼ କହିଛନ୍ତି ବହୁବାର ପ୍ରଶାସନକୁ ଗୁହାରି କରିଲା ପରେ ଟାୱାର କାମ ସରିଥିବାବେଳେ କାର୍ଯ୍ୟକାରୀ ହୋଇପାରୁନି। ଏଣୁ ଅନୁରୋଧ କରୁଛୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ନଚେତ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ମତପ୍ରକାଶ କହିଛନ୍ତି।



## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ; ବିଜୟୀ ଖେଳାଳିଙ୍କୁ ପୁରସ୍କାର




**ମାଲକାନଗିରି,୧୨।୨(ସମିସ):** ମାଲକାନଗିରି ଜିଲ୍ଲା ଇନଡୋର ଷ୍ଟାଡିୟମଠାରେ ଗତ ୩ ଦିନ ଧରି ମାଲକାନଗିରି ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାର ଜେନେରାଲ ସେକ୍ରେଟାରୀ ପ୍ରୀତପଲ ସିଂ ଓ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଥିଲା। ସାରା ରାଜ୍ୟରୁ ୯୫ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ଫାଇନାଲ ଖେଳରେ ୩୫ ବର୍ଷ ବର୍ଗର ସିଙ୍ଗଲରେ କଟକର ମାନସ ରାଉତରାଏ, ୪୦ ବର୍ଷ ବର୍ଗର ସଂଗ୍ରାମ କୁମାର ମଲ୍ଲିକ (କୋରାପୁଟ), ୪୫ ବର୍ଷ ବର୍ଗର ପ୍ରଶାନ୍ତ ବେହେରା (ଝାରସୁଗୁଡ଼ା), ୫୦ ବର୍ଷ ବର୍ଗର କଳାକାର ପ୍ରଧାନ (କୋରାପୁଟ), ୫୫ ବର୍ଷ ବର୍ଗର ପ୍ରମୟ କୁମାର ପଟ୍ଟନାୟକ (ଖୋର୍ଦ୍ଧା), ୬୦ ବର୍ଷ ବର୍ଗର ଅଜୟ କୁମାର ସାଙ୍ଗା (ସୁନ୍ଦରଗଡ଼) ବିଜୟ ଲାଭ କରିଥିବାବେଳେ ଡବଲ୍ସରେ ୩୫ ବର୍ଷ ବର୍ଗରେ ଖୋର୍ଦ୍ଧାର ରଞ୍ଜିତ କୁମାର ବାଣ୍ଟ, କଟକର ମାନସ ରାଉତରାଏ, ୪୦ ବର୍ଷ ବର୍ଗରେ କୋରାପୁଟର କାହ୍ନୁ ଚରଣ ପଟ୍ଟନାୟକ, ଉମାଶଙ୍କର ପ୍ରଧାନ, ୪୫ ବର୍ଷ ବର୍ଗରେ ଝାରସୁଗୁଡ଼ାର ପ୍ରଶାନ୍ତ ବେହେରା, ଉମେଶ କୁମାର ପଟେଲ, ୫୦ ବର୍ଷ ବର୍ଗରେ ଭୁବନେଶ୍ୱରର ସନ୍ତୋଷ ଚୌଧୁରୀ, ଶ୍ରୀମନ୍ତ ମିଶ୍ର, ୫୫ ବର୍ଷ ବର୍ଗରେ କଳାହାଣ୍ଡିର ଚତୁର୍ଭୁଜ ନାୟକ, ସମୀର କୁମାର ସାହୁ, ୬୦ ବର୍ଷ ବର୍ଗରେ କୋରାପୁଟର ପ୍ରତାପ କୁମାର ଖାଡ଼ଙ୍ଗା ଓ ସୁରଥ ସାହୁ ବିଜୟୀ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ମାଲକାନଗିରି ଭଳି ଜିଲ୍ଲାରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାରୁ ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଆଡ଼ମା ରାବା। ମାଲକାନଗିରି ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ପ୍ରିତପଲ ସିଂ ସମସ୍ତ ରେଫରୀ ତଥା ପର୍ଯ୍ୟବେକ୍ଷକଙ୍କୁ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନା କରିଛନ୍ତି।

## ରେଡ୍‌କ୍ରସ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ବିଷମକଟକ,୧୨।୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରେଡକ୍ରସର ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏଡ୍‌ସ ସଚେତନତା ସ୍ଲୋଗାନ ଦେଇ ବିଷମକଟକର ସହର ପରିକ୍ରମା କରିଥିଲେ। ଏହାବ୍ୟତିତ ଏଡ୍‌ସ ସମ୍ପର୍କରେ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନିମାଲପୁରୀ ଏଡ୍‌ସ ସଚେତନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାୟଗଡ଼ାର ରେଡକ୍ରସର ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା ଏଡ୍‌ସ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




### ଜିଲ୍ଲାରେ ଶେଷ ପର୍ଯ୍ୟାୟରେ ଧାନ କ୍ରୟ

# ୩୨,୮୩୩ ଚାଷୀଙ୍କଠାରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଖରିଫ ଧାନ କ୍ରୟ

**ଜୟପୁର,୧୨।୨(ସମିସ)**

କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଚାଷୀଙ୍କ ଅମଳ ଖରିଫ ଧାନକ୍ରୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ପଞ୍ଜୀକରଣ କରିଥିବା ୪୦ ହଜାର ୫୩୧ଜଣ ଚାଷୀଙ୍କଠାରୁ ୨୧ ଲକ୍ଷ ୭୭ ହଜାର କ୍ୟୁଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସୋମବାର ସୁଦ୍ଧା ସମବାୟ ବିଭାଗର ସୂଚନାନୁଯାୟୀ, ଜିଲ୍ଲାର ବିଭିନ୍ନ ମଣ୍ଡିରେ ୩୨ ହଜାର ୮୩୩ ଜଣ ଚାଷୀଙ୍କଠାରୁ ୨୦ ଲକ୍ଷ ୬୧ ହଜାର ୩୬୬ କ୍ୟୁଣ୍ଟାଲ ୯୦ କିଲୋଗ୍ରାମ ଗତ ଖରିଫ ଧାନ କ୍ରୟ ଶେଷ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ମଣ୍ଡି ମାଧ୍ୟମରେ ଚାଷୀଙ୍କ ଅମଳ ଖରିଫ ଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟ ରହିଛି। ପଞ୍ଜିକୃତ ଚାଷୀଙ୍କ ଚାଷଜମିର ସାଟେଲାଇଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇ ଧାନ କ୍ରୟ କରାଯାଇଛି। କିନ୍ତୁ ମଣ୍ଡିରେ ଧାନ କ୍ରୟ କମିବାରେ ଲାଗିଥିବା ବେଳେ ଜିଲ୍ଲାର କିଛି ସ୍ଥାନରେ ଏକପ୍ରକାର ଧାନମଣ୍ଡି ଅଘୋଷିତ ବନ୍ଦ କରାଯାଇଛି। କିନ୍ତୁ ଆଗାମୀ ଦିନରେ ଟୋକେନ ପାଇବାକୁ ଥିବା ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ଏହିପରି କୋରାପୁଟ ଜିଲ୍ଲାର ୩୨ ହଜାର ୮୩୩ଜଣ ଚାଷୀଙ୍କୁ ସେମାନଙ୍କଠାରୁ ଧାନ କ୍ରୟ ବାବଦକୁ ଆଜି ସୁଦ୍ଧା ସରକାରଙ୍କ ପକ୍ଷରୁ ୪୫୦ କୋଟି ଟଙ୍କା ଅନଲାଇନ ମାଧ୍ୟମରେ ବ୍ୟାଙ୍କ ଜମାଖାତା ମାଧ୍ୟମରେ ପ୍ରଦାନ କରାଯାଇଛି। କିନ୍ତୁ ଅନ୍ୟ ପକ୍ଷରେ ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ପଞ୍ଜୀକରଣ ହୋଇଛି। ସେହିପରି ଚଳିତ ବର୍ଷ ଜିଲ୍ଲାର ଚାଷୀମାନଙ୍କ ପାଖରୁ ଖରିଫ ଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟଠାରୁ ପ୍ରାୟ ୧ ଲକ୍ଷ ୧୬ ହଜାର ଗତ କ୍ୟୁଣ୍ଟାଲ ଧାନ ବଳକା ରହିଛି। ଚାଷୀଙ୍କ ଧାନ ନିୟମିତ ମଣ୍ଡିକୁ ଆସିନଥିବା ଯୋଗୁଁ ଅଧିକାଂଶ ମଣ୍ଡିରେ ଧାନକ୍ରୟକୁ ଅସ୍ଥାୟୀ ରୂପେ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଚାଷୀମାନେ ଜିଲ୍ଲାର କ୍ରୟକାରୀ ସଂସ୍ଥା ଭାବେ ୨୦ଟି ଲ୍ୟାମ୍ପ, ୨୨ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୩ଟି ପାଣିପଞ୍ଚାୟତ ମାଧ୍ୟମରେ ସମୁଦାୟ ୧୦୯ଟି ନିର୍ମିତ ମଣ୍ଡି ସ୍ଥାପନ କରିବା ସହି ଧାନକ୍ରୟ ଆରମ୍ଭ କରିଛନ୍ତି। ଏହିପରି ୯୫ଟି ମିଲର୍ସ ଉକ୍ତ ଧାନ କଷ୍ଟମ ମିଲିଂ ଭାବେ ଗ୍ରହଣ କରିଥିବା ବେଳେ ଚାଉଳ ପ୍ରସ୍ତୁତ କରାଯାଇ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବେ। ସେହିପରି ଚଳିତବର୍ଷ ଧାନ ଉତ୍ପାଦନ ଉନ୍ନତମାନର ହୋଇଛି। ସେହିପରି ଭାରତୀୟ ଖାଦ୍ୟ ନିଗମକୁ ମିଲର୍ସମାନେ ଉନ୍ନତ ମାନର ଖରାଫ ଧାନ କଷ୍ଟମ ମିଲିଂ ପ୍ରସ୍ତୁତ ଶତ ପ୍ରତିଶତ ଚାଉଳ ପ୍ରଦାନ କରିବା ନେଇ ଚିନ୍ତା ବୃଦ୍ଧି ପାଇଛି।



## କଳାବ୍ୟାଜ୍ ପିନ୍ଧି ଅଧ୍ୟାପକ ଓ କର୍ମଚାରୀଙ୍କ ବିକ୍ଷୋଭ



**ମୁନିଗୁଡ଼ା,୧୨।୨(ସମିସ):** ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ସମାନ ଗ୍ରେଡ୍ ପେକୁ ସମାନ ଦରମା ଓ ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ, ୨୦୧୮ ଜିଆଇଏ କୁ ସପ୍ତମ ବେତନ, ବାଦ ପଡ଼ିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ଦୀର୍ଘ ସମୟଧରି ଦାବି କରି ଆସୁଛନ୍ତି। ହେଲେ ଆଜକୁ ଏକ ବର୍ଷ ବିତି ଯାଇଥିଲେ ସୁଦ୍ଧା କୌଣସି ଦାବି ପୂରଣ ନହେବା ଓ ସମସ୍ୟାର ସମାଧାନ କରିବା ପାଇଁ ଯେଉଁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଦାବି ପୂରଣ କରିବାରେ ବିଳମ୍ବ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରାଯାଉଥିବା ବେଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ୪ ଦଫା ଦାବିରେ କଳାବ୍ୟାଜ ପିନ୍ଧି ବୁଧବାରଠାରୁ ଆଜି ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସରରେ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଏହି ବିକ୍ଷୋଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନଙ୍କ ନେତୃତ୍ୱରେ ତପନ କୁମାର ସାହୁ, ମନୋଜ କୁମାର ଦାସ, ଉମେଶଚନ୍ଦ୍ର ସାମନ୍ତ, ଗୋଲକବିହାରୀ ଘଡ଼େଇ, ରମଣୀରଞ୍ଜନ ଜେନା, ରଘୁନାଥ ବଡ଼ନାୟକ, ଶିବରାମ ପୂଜାରୀ, ଧର୍ମୁ ମହାନନ୍ଦ, ସୁରେଶନ ପ୍ରଧାନ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ରହି ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲେ। ପ୍ରକାଶ ଥାଉକି ଏହି ବିକ୍ଷୋଭ ରାଜ୍ୟ ସଭାପତି ଗୋଲକ ନାୟକଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟର ୬୬୨ ବର୍ଗର ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟଗୁଡ଼ିକରେ ଏହି ଆନ୍ଦୋଳନ ଚାଲି ଆସୁଥିବାବେଳେ ପ୍ରଶାସନ ସେମାନଙ୍କ ଦାବି ନ ଶୁଣିଲେ ଆଗାମୀ ୧୭ ତାରିଖରେ ହେବାକୁ ଥିବା ବାର୍ଷିକ ପରୀକ୍ଷା ପରିଚାଳନାରେ ଅସହଯୋଗ କରିବା ସହ ମୂଲ୍ୟାୟନ ବର୍ଜନ କରି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ମକ୍ ପୋଲ୍‌ରେ ଅଂଶଗ୍ରହଣ କଲେ ଛାତ୍ରୀ



**ନବରଙ୍ଗପୁର,୧୨।୨(ସମିସ):** ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏଭିଏମ୍ ପ୍ରଦର୍ଶନ କେନ୍ଦ୍ରରେ ଆସି ମକ୍ ପୋଲରେ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ନୃପେନ୍ଦ୍ର ଖୋସ୍ଲାଙ୍କ ନେତୃତ୍ୱରେ ସମସ୍ତେ ଯୋଗଦେଇଥିଲେ। ଛାତ୍ରୀ ନିର୍ବାଚନ ସମୟରେ କିଭଳି ନିର୍ଭୁଲ ମତଦାନ କରିବେ ସେନେଇ ସଚେତନ ହୋଇଥିଲେ। ଛାତ୍ରୀ ପଲ୍ଲଭି ପଟ୍ଟନାୟକ, ଲିଜା ମହାରଣା, ଏ.ଅନ୍ନପୂର୍ଣ୍ଣା ସମେତ ୨୫ ଜଣ ଛାତ୍ରୀ ମକ୍ ପୋଲରେ ଅଂଶ ଗ୍ରହଣ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ (ସାଧାରଣ) ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ଅଟୋ ଜବତ; ୫ ଗିରଫ



**କୋଷାଗୁମୁଡ଼ା,୧୨।୨(ସମିସ):** କୋଡ଼ିଙ୍ଗା ପୁଲିସ ପ୍ରାୟ ୧୮ କିଲୋ ଗଞ୍ଜେଇ ସହ ଅଟୋକୁ ଜବତ କରିଥିବାବେଳେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। କୋଡ଼ିଙ୍ଗା ଏବଂ ଡୁମାଦେଇ ଗାଁ ନିକଟରେ ଗାଡ଼ି ଯାଞ୍ଚ ସମୟରେ ପାଞ୍ଚ ଜଣ ଅଭିଯୁକ୍ତଙ୍କ ସହ ଗଞ୍ଜେଇ ଭର୍ତ୍ତି ଥିବା ଅଟୋକୁ ଜବତ କରିଥିଲା। ସୋମବାର ସକାଳେ କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ଏସଆଇ ବିକ୍ରମ କେଶରୀ ସାହୁ ଓ ଏଏସ୍‌ଆଇ ପ୍ରଦୀପ କୁମାର ବାଘ ଏବଂ ତାଙ୍କ ଟିମ୍ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସମ୍ପୃକ୍ତ ୫ ଅଭିଯୁକ୍ତ ହେଲେ ବାଘ ଖୋଦ୍ରା ଗ୍ରାମର ଡ୍ରାଇଭର ସୁବାସ ଖରା(୨୫) ଓ ସମରା ଯାନୀ(୨୪), କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଭେଣ୍ଡିଆଯୋଡ଼ି ଗ୍ରାମର ଶୁକୁ ଗାରାମ(୩୦), ବୁଦୁ ଗାରାମ(୪୦) ଓ ଘାସି ଗାରାମ(୪୨) ବୋଲି ଜଣାପଡ଼ିଛି। ଏପଟେ ଏହି ଅଭିଯୁକ୍ତଙ୍କ ନିକଟରୁ ୧୮ କିଲୋ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ସହ ଅଟୋ(ଓଡି-୧୦-ୟୁ-୦୬୯୨) ଏବଂ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। କୋଡ଼ିଙ୍ଗା ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ପରେ କୋଡ଼ିଙ୍ଗା ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ଶବର ସୂଚନା ଦେଇଛନ୍ତି।

# ମିଶନ ଶକ୍ତି ଗୃହ ସ୍ଥାନାନ୍ତରୀତ ନେଇ ବିଡିଓଙ୍କ ଦ୍ୱାରସ୍ଥ



**ଦଶମନ୍ତପୁର,୧୨।୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତର 'ମିଶନ ଶକ୍ତି' ମହିଳାମାନେ ମିଶନ ଶକ୍ତି ଗୃହ ସ୍ଥାନାନ୍ତରିତ ନେଇ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ମହିଳାଙ୍କ ସୁବିଧା ନିମନ୍ତେ ମିଶନ ଶକ୍ତିଟି ସ୍ଥାନୀୟ ସଦର ପଞ୍ଚାୟତଠାରୁ ପ୍ରାୟ ୩ କିମି ଦୂର ଡି.ସୁଜୁଲିସ୍ଥିତ ଭାଲିଆ ଡଙ୍ଗରରେ ଠିକାଦାର ଜଣକ ନୂତନ କୋଠା ନେଇ ଆରମ୍ଭ କରୁଥିବାରୁ ସେହି ନବ ନିର୍ମିତ ଗୃହଟିକୁ ସଦର ପଞ୍ଚାୟତ ମହକୁମାରେ ନିର୍ମାଣ କରାଯିବା ନେଇ ସମ୍ପୃକ୍ତ ପଞ୍ଚାୟତର ମିଶନ ଶକ୍ତି ମହିଳାମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝାଙ୍କରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯେଉଁସ୍ଥାନରେ ଗୃହଟି ନିର୍ମାଣ କରାଯାଉଛି ସେଠାରେ ଆମେ କାର୍ଯ୍ୟ କରିବା ସୁରକ୍ଷିତ ମଣୁ ନଥିବା ବେଳେ ସେଠାରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଫଳରେ ସଦର ପଞ୍ଚାୟତ ମହକୁମାରେ ଯଦିଓ ନିର୍ମାଣ କରାଗଲେ ଆମେ ନିଜକୁ ସୁରକ୍ଷିତ ମନେ କରିବୁ ବୋଲି ସେହି ପଞ୍ଚାୟତର କାର୍ଯ୍ୟରତ ମିଶନ ଶକ୍ତି ବିଭାଗର ସଭାପତି, ସମ୍ପାଦକ, ୯ ଜଣ ସିଆର୍‌ପି, ଜଣେ ଏମ୍‌ବିକେ ଏବଂ ଜଣେ ବିସି ସଭ୍ୟଙ୍କ ସମେତ ରାଜ କୁମାରୀ ଖରା, କୁନ୍ତି ନାୟକ, ନନ୍ଦିନୀ ଗୌଡ଼, ରଙ୍ଗବତୀ ଡ଼ଙ୍ଗରି, ସରିତା ବାଘ, ଜୟନ୍ତୀ ଟାକ୍ରୀ ଓ ଭାଗବତୀ ଗୌଡ଼ ପ୍ରମୁଖ ମୌଖିକ ଭାବେ ବିଡିଓ ଶ୍ରୀ ଝାଙ୍କରଙ୍କୁ ପ୍ରକାଶ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରି ଗୃହଟି ଉଚିତ ସ୍ଥାନରେ ହିଁ ନିର୍ମାଣ କରାଯିବା ପାଇଁ ସ୍ଥାନୀୟ ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀଙ୍କୁ ବିଡିଓ ଝାଙ୍କର ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# କାଳିଆ ଜୀବିକା ମିଶନ ତାଲିମ ନିମନ୍ତେ ୫୦ ଚାଷୀଙ୍କ ଭୁବନେଶ୍ୱର ଗସ୍ତ



**ନନ୍ଦପୁର,୧୨।୨(ସମିସ):** ନନ୍ଦପୁର କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୩ ବ୍ଲକର ୫୦ ଚାଷୀ ରବିବାର କାଳିଆ ଜୀବିକା ମିଶନ ଯୋଜନାରେ ତାଲିମ ନେବାକୁ ଭୁବନେଶ୍ୱର ଗସ୍ତ କରିଛନ୍ତି। ନନ୍ଦପୁର ବ୍ଲକର ୨୦ ଜଣ, ଲମତାପୁଟ ବ୍ଲକର ୧୦ ଜଣ ଓ ପଟ୍ଟାଙ୍ଗି ବ୍ଲକର ୨୦ ଜଣ ମନୋନୀତ ଚାଷୀଙ୍କୁ ସହକାରୀ କୃଷି ଅଧିକାରୀ ଲେନିନ ଶବର, ଏଓ ଲିଙ୍ଗରାଜ ଚୌଧୁରୀ ବସ୍ ନିକଟରେ ଉପସ୍ଥିତ ରହି ଚାଷୀଙ୍କୁ ଭୁବନେଶ୍ୱର ଅଭିମୁଖେ ପଠାଇ ସଫଳ ଯାତ୍ରାର କାମନା କରିଥିଲେ। ଏହି ଦୁଇଦିନିଆ ଗସ୍ତ କାର୍ଯ୍ୟକ୍ରମରେ ସମସ୍ତ ଚାଷୀଙ୍କୁ ଭୁବନେଶ୍ୱର ସ୍ଥିତ ଇମେଜ ଅନୁଷ୍ଠାନରେ ତାଲିମ ଦିଆଯିବ। ଚାଷୀଙ୍କୁ ଭୁବନେଶ୍ୱର ସ୍ଥିତ କୃଷିଭବନ ଓ ନବୀନ ନିବାସ ନେବାର ମଧ୍ୟ କାର୍ଯ୍ୟକ୍ରମ ଥିବା ନନ୍ଦପୁର କୃଷି ଜିଲ୍ଲା ଅଧିକାରୀ (ଏଡିଓ) ଏମ୍ ପ୍ରକାଶ ରାଓ ସୂଚନା ଦେଇଛନ୍ତି।

## ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର

# କୁନ୍ଦୁରା ବ୍ଲକ୍‌ରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଦାବି



**କୁନ୍ଦୁରା,୧୨।୨(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣ୍ଡୁଆଗୁଡ଼ା ପଞ୍ଚାୟତ ଲାଚନାଗୁଡ଼ାଠାରେ ରହିଥିବା ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ର ବିଦ୍ୟାଳୟଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଦିଆଯାଇଥିବା ଯୋଗୁଁ ସୋମବାର ବିଦ୍ୟାଳୟର ଅଭିଭାବକମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସ୍ଥାନୀୟ କୁନ୍ଦୁରା ବ୍ଲକରେ ହିଁ ପରୀକ୍ଷା କେନ୍ଦ୍ର ଦେବା ପାଇଁ ଦାବିପତ୍ର ଦେଇଛନ୍ତି। କୋଟପାଡ଼ ବ୍ଲକରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲାଚନାଗୁଡ଼ା ଉଚ୍ଚ ବିଦ୍ୟାଳୟର ଅଭିଭାବକବୃନ୍ଦ ପହଞ୍ଚି ଏହି ଦାବିପତ୍ର ଦେଇଥିଲେ। କୁନ୍ଦୁରା ବ୍ଲକରେ ୫ଟି ମାଟ୍ରିକ ପରୀକ୍ଷା କେନ୍ଦ୍ର ରହିଥିବା ସତ୍ତ୍ୱେ ଲାଚନାଗୁଡ଼ା ହାଇସ୍କୁଲର ପରୀକ୍ଷାର୍ଥୀଙ୍କୁ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା ଜୟପୁର ବ୍ଲକର ବାମୁଣୀପୁଟ ହାଇସ୍କୁଲରେ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାକୁ ନିର୍ଦ୍ଧାରିତ କରାଯାଇଛି। ସେଠାକୁ ଯିବାକୁ ଅସୁବିଧା ହେଉଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଗତ ୩ ବର୍ଷ ହେବ ପରୀକ୍ଷାକେନ୍ଦ୍ର କୁନ୍ଦୁରା ବ୍ଲକ ଭିତରେ ରଖିବାକୁ ଦାବି କରାଯାଉଥିବା ସତ୍ତ୍ୱେ ଶିକ୍ଷା ବିଭାଗର ଖାମ ଖିଆଲି ମନୋଭାବ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ପଦକ୍ଷେପ ନେଉ ନାହାଁନ୍ତି। ଫଳରେ ଗତ ୩ ବର୍ଷ ହେବ ପରୀକ୍ଷାର୍ଥୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ପରୀକ୍ଷା ଦେବାକୁ ଯାଉଛନ୍ତି । ଯାହା ଅତି ପରିତାପର ବିଷୟ ବୋଲି ଅଭିଭାବକମାନେ କହିଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟର ୧୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାପାଇଁ ଯିବାକୁ ଥିବାବେଳେ ପୁଣି ପରୀକ୍ଷାକେନ୍ଦ୍ର ବାମୁଣୀପୁଟ ହାଇସ୍କୁଲରେ ରହିଥିବା ଶୁଣି ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଜିଲ୍ଲାଶିକ୍ଷା ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ଏମିତି କରୁଛନ୍ତି ବୋଲି ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ନିୟମ ଅନୁସାରେ ତଥା ମାଧ୍ୟମିକ ଶିକ୍ଷା ବୋର୍ଡର ନିୟମ ଅନୁସାରେ ପ୍ରତି ୧୦ କିଲୋମିଟର ଦୂରତା ଭିତରେ ନଚେତ ନିଜସ୍ୱ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯିବା କଥା କିନ୍ତୁ ଏହାର ବ୍ୟତିକ୍ରମ କରାଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏବର୍ଷ ପରୀକ୍ଷା କେନ୍ଦ୍ର ବଦଳି ନ ପାରିଲେ ୧୨୨ ଜଣ ପରୀକ୍ଷାର୍ଥୀ ଯିବା ଆସିବା କରିବା ପାଇଁ ଦୁଇଟି ଲକ୍ଷ୍ମୀ ବସ୍ ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ସମସ୍ତ ବିଷୟ ଶୁଣିବା ପରେ ଜିଲ୍ଲାପାଳ ଦୁଇଟି ଲକ୍ଷ୍ମୀ ବସ୍ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ବର୍ଷକୁ ପରୀକ୍ଷାକେନ୍ଦ୍ର ବଦଳି କରିବାକୁ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଓ ପରିଚାଳନା କମିଟି ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେଇଥିଲେ।

# ପରଜା ବେଡ଼ାପଦର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ଦଶମନ୍ତପୁର, ୧୨।୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତରେ 'ଆମ ଓଡ଼ିଶା- ନବୀନ ଓଡ଼ିଶା' ପକ୍ଷରୁ ସୋମବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁସାଇ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଡିଓ ମିଲନ କୁମାର ଝାଙ୍କର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଦଶରଥ ମୁଦୁଲି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାୟକ, ଜିପିଇଓ ସ୍ମୃତିରଞ୍ଜନ ନାୟକ, ଏଏସ୍‌ଆଇ ରବୀନ୍ଦ୍ର ନାଥ ବଡ଼କୁମାର, ଏସିପି ଶାନ୍ତନୁ କୁମାର ନାହାକ, ସ୍ଥାନୀୟ ସରପଞ୍ଚ, ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ଏହି ପଞ୍ଚାୟତରୁ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିବା ଜଣାପଡ଼ିଛି। କିଛି ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲଗୁଡ଼ିକୁ ଅତିଥିମାନେ ପରିଦର୍ଶନ କରିଥିବା ଜଣାପଡ଼ିଛି। ମୁଖ୍ୟଅତିଥିଙ୍କୁ ଢେମସାର ତାଳେତାଳେ ଅତି ଧୂମଧାମ୍‌ରେ ସ୍ୱାଗତ କରିବା ସହ ମଞ୍ଚ ପଡ଼ିଆକୁ ପାଛୋଟି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଯାତାୟତର ସୁବିଧା ଭଳି ପ୍ରତ୍ୟେକଟି ଉନ୍ନୟନମୂଳକ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରାଇବା ସହ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆମ ପଞ୍ଚାୟତର ବିକାଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ଏସିପି ଶ୍ରୀ ନାହାକ ଓ ଯୋଗାଣ ସହାୟକ ପାତ୍ର ଟାକ୍ରୀ ପରିଚାଳନା କରିଥିବା ବେଳେ ଜିଆର୍‌ଏସ୍ ନରସିଂହ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ସହଯୋଗ କରିଥିବା ସହ ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ଟିମ୍ ମୁତୟନ ହୋଇଥିଲେ।

# MATRIC MATE

BSE ODISHA MATRIC EXAM-2024



## SUBJECT : MATH

PROBABLE QUESTION PAPER

### OBJECTIVE

1. $\cos 110^0 + \sin 20^0$ = କେତେ ?
   (A) $2\cos 110^0$ (B) $2\sin 20^0$ (C) 0 (D) 1
2. $cosec^2(180^0 - \theta) - \tan^2(90^0 - \theta)$ ର ମାନ କେତେ ?
   (A) 0 (B) 1 (C) −1 (D) ଅନିର୍ଣ୍ଣେୟ
3. $\tan 10^0 \times \tan 80^0$ = ______ ।
   (A) 0 (B) 1 (C) −1 (D) ±1
4. $\cos A = \frac{24}{25}$ ହେଲେ $\sec^2 A - \tan^2 A$ = କେତେ ?
   (A) $\frac{7}{24}$ (B) $\frac{24}{25}$ (C) $\frac{25}{7}$ (D) 1
5. କେଉଁ ଯନ୍ତ୍ର ଦ୍ୱାରା ବସ୍ତୁର କୌଣିକ ଉନ୍ନତି ବା ଅବନତି ମପାଯାଇଥାଏ ?
   (A) ପେରିସ୍କୋପ୍ (B) କୋଲାଲଡ୍‌ସ୍କୋପ୍ (C) ସେକ୍‌ସଟା (D) ଟେଲିସ୍କୋପ୍
6. $\tan A = \frac{1}{2}$ ଏବଂ $\tan B = \frac{1}{3}$ ହେଲେ ନିମ୍ନ ସଂପର୍କ ମଧ୍ୟରୁ କେଉଁଟି ଠିକ୍ ।
   (A) A = B (B) 2A = B (C) $A + B = 45^0$ (D) $A - B = 90^0$
7. $\cos(60^0 - A) - \cos(60^0 + A)$ ର ମାନ କେତେ ?
   (A) $\sqrt{2}\cos A$ (B) $\sqrt{2}\sin A$ (C) $\sqrt{3}\sin A$ (D) $\sqrt{3}\cos A$
8. $\sin 0^0 . \sin 1^0 . \sin 2^0 ... \sin 89^0$ ର ମୂଲ୍ୟ କେତେ ?
   (A) −1 (B) 0 (C) 1 (D) 2
9. $A + B + C = 180^0$ ହେଲେ, $\sin\left(\frac{B+C}{2}\right)$ ର ମାନ କେତେ ?
   (A) $\cos\frac{A}{2}$ (B) $\sin\frac{A}{2}$ (C) $\sin\frac{B}{2}$ (D) $\cos\frac{C}{2}$
10. $\sin(50^0 + \theta) - \cos(40^0 - \theta)$ = ______ ?
    (A) 0 (B) −1 (C) 1 (D) 2
11. $A + B = 45^0$ = ହେଲେ $(1 + \tan A)(1 + \tan B)$ ର ମାନ କେତେ ?
    (A) 1 (B) 2 (C) −2 (D) −1
12. ଏକ ବୃକ୍ଷର ଉଚ୍ଚତା 4cm, ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ 45° । ଗଛର ଛାଇର ଦୈର୍ଘ୍ୟ କେତେ ?
    (A) 3 cm (B) $4\sqrt{2}$ cm (C) 4 cm (D) $4\sqrt{3}$ cm
13. ଏକ ସ୍ତମ୍ଭର ଉଚ୍ଚତା $100\sqrt{3}$ ମି । ଏହାର ପାଦ ଦେଶଠାରୁ 100 ମି ଦୂରତାରୁ ସ୍ତମ୍ଭର ଉପରିଭାଗର କୌଣିକ ଉନ୍ନତି କେତେ ?
    (A) $45^0$ (B) $60^0$ (C) $90^0$ (D) $0^0$
14. ଦ ବୃତ୍ତର କେନ୍ଦ୍ର O । $\overline{PQ}$ ସ୍ପର୍ଶକ ରଶ୍ମି OP = 5cm , ବୃ ର ବ୍ୟାସାର୍ଦ୍ଧ 3cm ହେଲେ PQ କେତେ ସେ.ମି ?
    (A) 10 (B) 6 (C) 4 (D) 8



15. O ବୃ ର କେନ୍ଦ୍ର । OP = 4cm, $\overline{PQ}$ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ । $QP = 2\sqrt{3}$ ସେ.ମି ହେଲେ $m\angle OPQ$ କେତେ ?
    (A) $45^0$ (B) $30^0$ (C) $60^0$ (D) ଏଥିରୁ କୌଣସିଟି ନୁହେଁ



16. ପାର୍ଶ୍ୱସ୍ଥ ଚିତ୍ରରେ ଗୋଟିଏ ବୃତ୍ତ ABC ସମକୋଣୀ ତ୍ରିଭୁଜରେ ଅନ୍ତର୍ଲିଖିତ । AB = 24cm, BC = 10cm ଏବଂ $m\angle B = 90^0$ ହେଲେ ବୃ ର ବ୍ୟାସାର୍ଦ୍ଧ କେତେ ?
    (A) 6 cm (B) 7 cm (C) 5cm (D) 4 cm



17. ଦ ଚିତ୍ରରେ O ବୃତ୍ତର କେନ୍ଦ୍ର । $\overline{PQ}$ ବୃ ର A ବିନ୍ଦୁରେ ସ୍ପର୍ଶକ । $m\angle BAQ = 30^0$ ହେଲେ $m\angle AOB$ କେତେ ?
    (A) $30^0$ (B) $60^0$ (C) $90^0$ (D) $120^0$



18. ଦୁଇଟି ବହିଃସ୍ପର୍ଶୀ ବୃତ୍ତର ସର୍ବାଧିକ ସାଧାରଣ ସ୍ପର୍ଶକ ସଂଖ୍ୟା ______ ।
    (A) 1 (B) 2 (C) 3 (D) 4
19. ଦ ବୃ ରେ $\overline{PT}$ ସ୍ପର୍ଶକ ଏବଂ PAB ଛେଦକ, PA = 4cm, PB = 9cm ହେଲେ $\overline{PT}$ ର ଦୈର୍ଘ୍ୟ କେତେ ସେ.ମି ?
    (A) 4 (B) 9 (C) 6 (D) 12



20. ABCD ଚତୁର୍ଭୁଜ ଏକ ବୃତ୍ତରେ ପରିଲିଖିତ । AB + CD = 18cm ହେଲେ ABCD ଚତୁର୍ଭୁଜର ପରିସୀମା କେତେ ସେ,ମି ?
    (A) 18 (B) 24 (C) 36 (D) 48
21. ଗୋଟିଏ ବୃତ୍ତର ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା 10cm ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି ?
    (A) 8 (B) 16 (C) 32 (D) କୌଣସିଟି ନୁହେଁ
22. ଯେଉଁ ସରଳରେଖା ବୃତ୍ତକୁ ଗୋଟିଏ ମାତ୍ର ବିନ୍ଦୁରେ ଛେଦ କରେ ତାହାକୁ ______ କୁହାଯାଏ ?
    (A) ଛେଦକ (B) ସ୍ପର୍ଶକ (C) ସ୍ପର୍ଶବିନ୍ଦୁ (D) ସ୍ପର୍ଶବିନ୍ଦୁ
23. ଦୁଇଟି ବହିଃସ୍ପର୍ଶୀ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟ 5cm ଓ 3cm ହେଲେ, କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି ?
    (A) 2 (B) 3 (C) 5 (D) 8
24. ପାର୍ଶ୍ୱସ୍ଥ ଚିତ୍ରରେ $\overline{PQ}$ ଏକ ଜ୍ୟା O । ସ୍ପର୍ଶକ ଖଣ୍ଡ $\overline{RP}$ ସହ ଜ୍ୟା $\overline{PQ}$, $60^0$ ପରିମାଣର ଏକ କୋଣ ଉତ୍ପନ୍ନ କଲେ $m\angle POQ$ କେତେ ?
    (A) $100^0$ (B) $120^0$ (C) $60^0$ (D) 80



25. ପାର୍ଶ୍ୱସ୍ଥ ଚିତ୍ରରେ O ବୃତ୍ତର କେନ୍ଦ୍ର । P ବହିଃସ୍ଥ ବିନ୍ଦୁର ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ $\overline{PT}$ । ପାର୍ଶ୍ୱସ୍ଥ ଚିତ୍ରରୁ x ଓ y ଦ୍ୱାରା ଚିହ୍ନିତ କୋଣମାନଙ୍କର ଦ ପରିମାଣ ସ୍ଥିର କର ଯେତେବେଳେ x = 2y ।
    (A) $75^0$ ଓ $15^0$ (B) $60^0$ ଓ $30^0$ (C) $70^0$ ଓ $20^0$ (D) $50^0$ ଓ $40^0$



26. ଯଦି $\sin\theta = \frac{3}{5}$ ହୁଏ $(\tan\theta + \sec\theta)^2$ ର ମାନ ସ୍ଥିର କର ।
    (A) $\frac{5}{4}$ (B) 4 (C) 5 (D) $\frac{25}{16}$
27. $cosec^2(110^0 + \alpha) - \cot^2(70^0 - \alpha)$ ର ମାନ କେତେ ?
    (A) −1 (B) 0 (C) 1 (D) $\sqrt{2}$
28. $\sec 135^0 + \tan 60^0$ = ______ ।
    (A) $1 - \sqrt{2}$ (B) $-\sqrt{2}$ (C) $\sqrt{3} - \sqrt{2}$ (D) $\sqrt{3} + 1$
29. $\cos 45^0 . \cot 60^0 . \sin 60^0 . cosec 30^0 . \tan 45^0 . \sec 30^0$ ର ମାନ କେତେ ?
    (A) $\frac{\sqrt{2}}{3}$ (B) $\frac{\sqrt{2}}{\sqrt{3}}$ (C) $\frac{2}{\sqrt{3}}$ (D) $\frac{2}{3}$
30. $\cos^2 18^0 + \cos^2 36^0 + \cos^2 54^0 + \cos^2 72^0 + \cos^2 90^0$ ର ମାନ କେତେ ?
    (A) 0 (B) 1 (C) 2 (D) −1
31. $\cos A = \frac{24}{25}$ ହେଲେ $\sec^2 A - \tan^2 A$ = କେତେ ।
    (A) $\frac{7}{24}$ (B) $\frac{24}{25}$ (C) $\frac{25}{7}$ (D) 1
32. $\tan(45^0 - \theta)$ ର ମାନ କେତେ ?
    (A) $\frac{\tan\theta + 1}{\tan\theta - 1}$ (B) $\frac{1 + \tan\theta}{1 - \tan\theta}$ (C) $\frac{1 - \tan\theta}{1 + \tan\theta}$ (D) $\frac{\tan\theta - 1}{\tan\theta + 1}$
33. $\cos(48^0 + \theta) . \cos(12^0 - \theta) - \sin(48^0 + \theta) . \sin(12^0 - \theta)$ ର ମାନ କେତେ ?
    (A) 2 (B) −2 (C) $\frac{1}{2}$ (D) $-\frac{1}{2}$
34. $\sin 50^0 - \sin 70^0 + \sin 10^0$ ର ମାନ କେତେ ?
    (A) 1 (B) 0 (C) $\frac{1}{2}$ (D) 2
35. $\sin 75^0$ = ?
    (A) $\frac{\sqrt{3}+1}{2}$ (B) $\frac{\sqrt{3}-1}{2}$ (C) $\frac{\sqrt{3}+1}{2\sqrt{2}}$ (D) $\frac{\sqrt{3}+1}{2\sqrt{3}}$

### SUBJECTIVE

1. 6.4 cm ଦୈର୍ଘ୍ୟ ବିଶିଷ୍ଟ $\overline{AB}$ ଅଙ୍କନ କରି ଏହାକୁ 3 : 2 ଅନୁପାତରେ ଅନ୍ତର୍ବିଭାଜନ କରୁଥିବା ବିନ୍ଦୁର ଅବସ୍ଥାନ ନିରୂପଣ କର ।

   କିମ୍ବା $\Delta ABC$ ରେ BC =6.5cm, $\overline{BY}$ ମଧ୍ୟମାର ଦୈର୍ଘ୍ୟ 6 cm ଓ $\overline{CZ}$ ମଧ୍ୟମାର ଦୈର୍ଘ୍ୟ 5.5cm । Δଟି ଅଙ୍କନ କର ।

2. ପ୍ରମାଣ କର $\cos^2 135^0 - 2\sin^2 180^0 + 3\cot^2 150^0 - 4\tan^2 120^0 = \frac{-5}{2}$

   କିମ୍ବା ପ୍ରମାଣ କର । $\frac{\sin^2 135^0 + \cos^2 120^0 - \sin^2 150^0 + tam^2 150^0}{\sin^2 120^0 - \cos^2 150^0 + \tan^2 120^0 + \tan^2 135^0 + \cos 180^0} = \frac{5}{18}$

3. ପ୍ରମାଣ କର $\cos 50^0 + \cos 40^0 = \sqrt{2}\cos 5^0$

   କିମ୍ବା ପ୍ରମାଣ କର ଯେ $\tan 62^0 = \frac{\cos 17^0 + \sin 17^0}{\cos 17^0 - \sin 17^0}$

4. ପ୍ରମାଣ କର ଯେ କୌଣସି ବୃତ୍ତର ବର୍ହିସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ?

5. ABCD ଚତୁର୍ଭୁଜ ଏକ ବୃତ୍ତରେ ପରିଲିଖିତ ହୋଇଛି । ହେଲେ ପ୍ରମାଣ କରଯେ AB + CD = AD + BC

   କିମ୍ବା ଗୋଟିଏ ବୃ ରେ $\overline{AB}$ ଏକ ବ୍ୟାସ । B ବିନ୍ଦୁରେ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଉପରେ C ଏପରି ଏକ ବିନ୍ଦୁ ଯେପରି $\overline{CA}$ ବୃତ୍ତକୁ D ବିନ୍ଦୁରେ ଛେଦ କରେ । ପ୍ରମାଣ କର ଯେ $AB^2 = AC \times AD$

**Answer:** 1. (C), 2. (B), 3. (B), 4. (D), 5. (C), 6. (C), 7. (C), 8. (B), 9.(A), 10. (A), 11. (B), 12. (C), 13. (B), 14. (C), 15. (B), 16. (D), 17. (B), 18. (C), 19. (C), 20. (C), 21. (D), 22. (B), 23. (D), 24. (B), 25. (B), 26. (B), 27. (C), 28. (C), 29. (B), 30. (C), 31. (D), 32. (C), 33. (C), 34. (B), 35. (C)

ePaper : sakalaepaper.com | Twitter : SakalaNews
News Portal : thesakala.in | Instagram : sakalanews
Facebook : SakalaNews | Youtube : @SakalaNews

Courtesy:
SARASWATI VIDYA MANDIR
Neelakantha Nagar, Berhampur, GM.

